ଦୁଲୀପ ଟ୍ରଫି : ଦ୍ୱିଶତକ ମାରି ୩୯ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଲେ ଇଶାନ କିଶନ

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

ସମ୍ବାଦ କାଳିକା

The Sambad Kalika

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

E-mail : sambadkalikanews@gmail.com

ଭକ୍ତାନ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ମୂଲ୍ୟ ୦୦.୬୦ ପଇସା 8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୨୧୯ ● ୮ ସେପ୍ଟେମ୍ବର ୨୦୨୬ ମଙ ଳବାର ● ଭୁବନେଶ୍ୱର ● Vol -33 ● Issue-219 ● 8th September 2026, Tuesday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27

୧୮ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍‌ର ମଞ୍ଜୁରୀ

ବିଦ୍ୟୁତ ସଂଚାରଣ ଭିତ୍ତିଭୂମି ପାଇଁ ଖର୍ଚ୍ଚ ହେବ ୧୫,୯୪୮.୭୦ କୋଟି

ଭୁବନେଶ୍ୱର, ୭ ।୯
ନ୍ୟୁଜ୍ ବ୍ୟୁରୋ

ସୋମବାର ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ କ୍ୟାବିନେଟ୍ ବୈଠକରେ ୧୨ଟି ବିଭାଗର ୧୮ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ଏଥିରେ ବିଦ୍ୟୁତ, ଶିକ୍ଷା, ନିଯୁକ୍ତି ଓ ଶ୍ରୀଜଗନ୍ନାଥ ମନ୍ଦିର ଜମି ପରିଚାଳନା କ୍ଷେତ୍ରରେ ନିଆଯାଇଥିବା ନିଷ୍ପତ୍ତିକୁ ବିଶେଷ ଗୁରୁତ୍ୱ ଦିଆଯାଇଛି ।

କ୍ୟାବିନେଟ୍ ବୈଠକ ଶେଷ ହେବା ପରେ ମୁଖ୍ୟଶାସନ ସଚିବ ଅନୁ ଗର୍ଗ କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ବିସ୍ତୃତ ସୂଚନା ଦେଇଥିଲେ ।

ସେ କହିଥିଲେ ଜଗନ୍ନାଥ ଲ୍ୟାଣ୍ଡ ମ୍ୟାନେଜମେଣ୍ଟ ବିଲ୍, ଉଦ୍ୟାନ କୃଷି ସେବା କ୍ୟାଡ଼ର ପୁର୍ନଗଠନ, ଓଡ଼ିଶା ମୃତ୍ତିକା ସଂରକ୍ଷଣ ସେବା କ୍ୟାଡ଼ର ପୁର୍ନଗଠନ, ଅବସର ନେବାର ବର୍ଷେ ମଧ୍ୟରେ ପେନ୍‌ସନ୍ ନମିଳିଲେ ୭ ପ୍ରତିଶତ ସୁଧ ସହିତ ପ୍ରାପ୍ୟ ପ୍ରଦାନ କରାଯିବ ସଂକ୍ରାନ୍ତ

- ପଞ୍ଚସଖା ଶିକ୍ଷା ସେତୁ ଯୋଜନାରେ ୩୧୨.୯୬ କୋଟି
- ଜଳସେଚନ ପ୍ରକଳ୍ପରେ ପର୍ଯ୍ୟଟନ ସୁବିଧା ପାଇଁ ୬୫୦.୦୦ କୋଟି

ପ୍ରସ୍ତାବ ମଧ୍ୟ କ୍ୟାବିନେଟ୍‌ର ଅନୁମୋଦନ ଲାଭ କରିଛି ।

ଅନୁରୂପ ଭାବେ ଜଳସମ୍ପଦ ବିଭାଗର ୨ଟି ଯୋଜନା କ୍ୟାବିନେଟ୍ ଅନୁମୋଦନ ଲାଭ କରିଥିବା ବେଳେ ଓଡ଼ିଶା ବେସାମରିକ ସେବା(ପେନସନ) ନିୟମାବଳୀ ଲାଗୁ କରାଯାଇଛି । ୬୫୦କୋଟି ଟଙ୍କାର ବୋଇତ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ନିଷ୍ପତ୍ତି ହୋଇଛି । ଓଡ଼ିଶା ଅମଳା ସେବା ନିୟମ-୨୦୨୬ ପ୍ରଭୃତି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବଗୁଡ଼ିକ ଅନୁମୋଦନ ଲାଭ କରିଛି ।

ରାଜ୍ୟର ବିଦ୍ୟୁତ ସଂଚାରଣ ଭିତ୍ତିଭୂମିକୁ ସୁଦୃଢ ଓ ସଂପ୍ରସାରିତ କରିବା ପାଇଁ ସବୁଠାରୁ ବଡ଼ ନିବେଶ ଭାବେ ୧୫,୯୪୮.୭୦ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି । ପ୍ରଥମ ଥର ପାଇଁ ଓଡ଼ିଶାରେ ୭୬୫ କେଭି ନେଟୱାର୍କ ବିକଶିତ କରାଯିବ । ଏହାସହ ଖୁଣ୍ଟୁଣୀ, ଡୁବୁରୀ ଓ କୋଲାବିରାରେ ୩ଟି ନୂଆ ଗ୍ରିଡ୍ ସବ୍‌ଷ୍ଟେସନ୍ ନିର୍ମାଣ ହେବ । ରାଜ୍ୟରେ ୪୦୦ କେଭି *(ପୃଷ୍ଠା ୭ରେ)*

ପ୍ରତିରକ୍ଷା କ୍ଷେତ୍ରକୁ ମିଳିବ ଆହୁରି ବଳ

୧.୧୦ ଲକ୍ଷ କୋଟିର ଯୁଦ୍ଧାସ୍ତ୍ର କିଣା ପ୍ରସ୍ତାବକୁ ମଞ୍ଜୁରୀ

ନୂଆଦିଲ୍ଲୀ, ୭ ।୯

ଆହୁରି ମଜଭୁତ ହେବ ଭାରତର ପ୍ରତିରକ୍ଷା କ୍ଷେତ୍ର । ବଢ଼ିବ ୩ ସେନାର ବଳ । କାରଣ ଭାରତର ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ(ଡିଏସି) ୩ ସେନା ବାହିନୀ ପାଇଁ ୧.୧୦ ଲକ୍ଷ କୋଟି ଟଙ୍କାର ଯୁଦ୍ଧାସ୍ତ୍ର କିଣିବାକୁ ଦେଇଛି ଅନୁମତି ।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ବସିଥିବା ଡିଏସିରେ ଏଭଳି ନିଷ୍ପତ୍ତି ହୋଇଛି । ଏହା ମଧ୍ୟରୁ ପ୍ରାୟ ୯୮% ପ୍ରତିରକ୍ଷା ସାମଗ୍ରୀ ଭାରତରେ ନିର୍ମାଣ କରୁଥିବା କମ୍ପାନୀଗୁଡ଼ିକ ଠାରୁ କିଣାଯିବ ବୋଲି ପରିଷଦ କହିଛି ।

ପରିଷଦ ଭାରତୀୟ ସ୍ଥଳ ସେନା, ନୌସେନା ଓ ବାୟୁସେନା ପାଇଁ ବିଭିନ୍ନ ସାମରିକ ସାମଗ୍ରୀ କିଣିବା ପ୍ରସ୍ତାବକୁ ଆବଶ୍ୟକତା ସ୍ୱୀକୃତି ପ୍ରଦାନରେ ସହମତି ହୋଇଛି । ଭାରତୀୟ ସ୍ଥଳ ସେନା ପାଇଁ

କେମିକାଲ, ବାୟୋଲଜିକାଲ, ରେଡିଓଲଜିକାଲ ଆଣ୍ଡ ନ୍ୟୁକ୍ଲିୟର (ସିବିଆରଏନ) ଗାଡ଼ି, ହାଇ ମୋବିଲିଟି ଭେହିକଲ୍, ସେଲ୍ଫ-ପ୍ରୋପେଲଡ ମେକାନିକାଲ ମାଇନ୍ ଲେୟର, ଆଡଭାନ୍‌ଡ୍ ଲାଇଟ୍ ହେଲିକପ୍ଟର ଓ ଟ୍ରଲ୍ ଟ୍ୟାଙ୍କ କିଣାଯିବ । ସିବିଆରଏନ ଯାନଗୁଡ଼ିକ ବିଭିନ୍ନ ଅଞ୍ଚଳକୁ ଚିହ୍ନଟ ଓ ନିରୀକ୍ଷଣ କରିବାରେ ବ୍ୟବହୃତ ହେବ । ହାଇ ମୋବିଲିଟି ଭେହିକଲଗୁଡ଼ିକ କଠିନ ଓ ଦୁର୍ଗମ ଅଞ୍ଚଳରେ ସେନାର ଅଭିଯାନ କ୍ଷମତା, ଲଜିଷ୍ଟିକ୍ସ ସହାୟତା କରିବ । ସେଲ୍ଫ-ପ୍ରୋପେଲଡ *(ପୃଷ୍ଠା ୭ରେ)*

ପୁଣି ଘୁଞ୍ଚିଲା ଡିଜିପି ନିଯୁକ୍ତି ମାମଲାର ଶୁଣାଣି

ନୂଆଦିଲ୍ଲୀ, ୭ ।୯

ସୁପ୍ରିମକୋର୍ଟରେ ଡିଜିପି ନିଯୁକ୍ତି ସଂକ୍ରାନ୍ତ ମାମଲାର ଶୁଣାଣି ପୁଣିଥରେ ଘୁଞ୍ଚିଛି । ଆସନ୍ତା ୧୬ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ଜଣାପଡ଼ିଛି ।ବରିଷ୍ଠ ଆଇନଜୀବୀ ସଂଗ୍ରାମ ପଟ୍ଟନାୟକ ଏନେଇ ସୂଚନା ଦେଇଛନ୍ତି । ତାଙ୍କ କହିବା ଅନୁଯାୟୀ, ସୁଶାନ୍ତ ନାଥଙ୍କ ପକ୍ଷରୁ ତାଙ୍କ ଆଇନଜୀବୀ ଏକ ପିଟିସନ୍ ଦାଖଲ କରିଛନ୍ତି ।ଅନ୍ୟପକ୍ଷରେ ମାମଲାରେ ନିଯୁକ୍ତ ଆମିକସ୍‌କ୍ୟୁରୀ ସୋମବାର ଆଉ ଏକ ରିପୋର୍ଟ ସୁପ୍ରିମକୋର୍ଟରେ ଦାଖଲ କରିଛନ୍ତି । ଏହି ରିପୋର୍ଟକୁ ପଢ଼ିବା ଓ ଅଧ୍ୟୟନ କରିବା ପାଇଁ ସଲିସିଟର ଜେନେରାଲ ସମୟ ମାଗିଥିଲେ ।ଫଳରେ ମାମଲାର ଶୁଣାଣି ସୋମବାର ଆଗକୁ ବଢ଼ିପାରିନଥିବା ବେଳେ, ସୁପ୍ରିମକୋର୍ଟ ପରବର୍ତ୍ତୀ ଶୁଣାଣି ପାଇଁ ସେପ୍ଟେମ୍ବର ୧୬ ତାରିଖ ଧାର୍ଯ୍ୟ କରିଛନ୍ତି । ଏହା ସହ ଡିଜିପି ନିଯୁକ୍ତିକୁ ନେଇ ଚାଲିଥିବା ଆଇନଗତ ପ୍ରକ୍ରିୟା ଆହୁରି କିଛି ଦିନ ଜାରି ରହିବ ।

ଏଣିକି ଦଶମ ଓ ଦ୍ୱାଦଶ ଶ୍ରେଣୀ ପାଇଁ ଗୋଟିଏ ବୋର୍ଡ

ଭୁବନେଶ୍ୱର, ୭ ।୯
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଏଣିକି ଗୋଟିଏ ବୋର୍ଡ ଦଶମ ଓ ଦ୍ୱାଦଶ ଶ୍ରେଣୀ ପାଇଁ କାର୍ଯ୍ୟ କରିବ । ଦଶମ ଓ ଦ୍ୱାଦଶ ପରୀକ୍ଷା ପାଇଁ ବର୍ତ୍ତମାନ ଥିବା ବୋର୍ଡ ଅଫ *(ପୃଷ୍ଠା ୭ରେ)*

ଆଜିର ମୁଖ୍ୟ ଖବର

- ପିଜିଟି ଶିକ୍ଷକଙ୍କ ଦିଗଦର୍ଶନ କର୍ମଶାଳାର ଆୟୋଜନ, ପ୍ରଶିକ୍ଷଣ ନେବେ ଇତିହାସର ୧୨୦ ଜଣ ପିଜିଟି ।
- ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳର ୪ ଜଣ ପେସାଦାର ଅପରାଧୀଙ୍କ ଘରେ ଲଟକା ଲଗାଇଲା ପୋଲିସ ।
- ଆମେରିକାର ମିୟାମୀ ଏୟାରପୋର୍ଟରେ କାର୍ଗୋ ବିମାନ ଦୁର୍ଘଟଣାଗ୍ରସ୍ତ, ୫ ମୃତ ।
- କେଭି ୧ ସମ୍ମୁଖରେ କାର ଜଳିବା ଘଟଣାରେ ସାମ୍ନାକୁ ଆସିଲା ସିସିଟିଭି ଫୁଟେଜ, ୨ଜଣ କାରରେ ନିଆଁଲଗାଉଥିବା ସୂଚନା ।

ସୁନା ଦର

୨୪ କ୍ୟାରେଟ୍ ସୁନା – ପ୍ରତି ଗ୍ରାମ୍ ୧୫,୪୧୫ (-୬୫)
୨୨ କ୍ୟାରେଟ୍ ସୁନା – ପ୍ରତି ଗ୍ରାମ୍ ୧୪,୧୩୦ (-୬୦)
୧୮ କ୍ୟାରେଟ୍ ସୁନା – ପ୍ରତି ଗ୍ରାମ୍ ୧୧,୫୬୧ (-୪୯)

ରୁପା ଦର

ରୂପା – ପ୍ରତି ଗ୍ରାମ୍ ୨୫୦ (+୦)

ଏକାଳ ପଖାଳ

ଯୁଆଡେ ଦେଖିବ ସେୟାଡେ ଷ୍ଟ୍ରାଇକି
ସଭିଁଏ ବାଟରେ କଣ୍ଟା
ଡିଲର କିଲର ଭଳି ହେଉଛନ୍ତି
କିହେବ ଚାଉଳ ବଣ୍ଟା ! !
ଭାଗ୍ୟରେ ନହେ। ଚେଣ୍ଟା
ବଡ ଲୋକଙ୍କ ଛାତିଏ ଟେନ୍‌ସନ୍
ଆଉ ଭୂଷ ନାହିଁ ତେଣ୍ଟା ।

ପୌର ନିର୍ବାଚନ ପୂର୍ବରୁ ରାଜ୍ୟରେ ହେବ ପଞ୍ଚାୟତ ନିର୍ବାଚନ

ଭୁବନେଶ୍ୱର, ୭ ।୯
ନ୍ୟୁଜ୍ ବ୍ୟୁରୋ

ପଞ୍ଚାୟତ ନିର୍ବାଚନ ପାଇଁ ନିର୍ବାଚନ କମିଶନ ବଡ଼ ପଦକ୍ଷେପ ନେଇ ବୁଥ୍‌ଗୁଡିକ ଠିକ୍ ଅଛି ନା ନାହିଁ କ୍ଷେତ୍ରକୁ ଯାଇ ଯାଞ୍ଚ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଯାଞ୍ଚ ପାଇଁ ବ୍ଲକ୍ ଓ ପୌର ଅଧିକାରୀଙ୍କୁ କ୍ଷେତ୍ରକୁ ଯିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି । ଯେଉଁ ବୁଥ୍‌ର ସମସ୍ୟା ଥିବ ସମାଧାନ କରାଯିବ ବୋଲି ରାଜ୍ୟ ନିର୍ବାଚନ କମିଶନର କହିଛନ୍ତି । ନିର୍ବାଚନ ମଣ୍ଡଳୀ ଅନୁଯାୟୀ ଭୋଟର ଲିଷ୍ଟ ଭାଗ ଓ ଡୋର ଟୁ ଡୋର ସର୍ଭେ ହେବ । ସୋସିଆଲ ମିଡିଆରେ ଏଆଇ ଜରିଆରେ ଅପପ୍ରଚାରକୁ ରୋକିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ସ୍ଥାନରୁ ଅଭିଯୋଗ

ଆସିଲେ ସାଇବର କ୍ରାଇମରେ ତଦନ୍ତ ହେବ । ପ୍ରଥମେ ପଞ୍ଚାୟତ ନିର୍ବାଚନ ଓ ପରେ ପୌର ନିର୍ବାଚନ ହେବ । ଆସନ୍ତା ଏପ୍ରିଲ ପ୍ରଥମ ଭାଗରୁ ପଞ୍ଚାୟତ, ଏପ୍ରିଲ ଶେଷ କିମ୍ବା ମେ ପ୍ରଥମରୁ ପୌର ନିର୍ବାଚନ କରାଯାଇ ପାରେ । ତେବେ ସୀମା ପୁନଃ ନିର୍ଦ୍ଧାରଣ ଓ ସଂରକ୍ଷଣ ସରକାରଙ୍କ କାର୍ଯ୍ୟ, ଏହା ଅକ୍ଟୋବର ୩୧ ସୁଦ୍ଧା ସରିବାକୁ ଧାର୍ଯ୍ୟ ହୋଇଛି । ଭୋଟର ତାଲିକା ଫେବ୍ରୁଆରୀ ୧୦ ତାରିଖ ସୁଦ୍ଧା ଶେଷ ହେବ । ନିର୍ବାଚନ ପ୍ରକ୍ରିୟା ସବୁ ଡିଜିଟାଇଜେସନ ହେବ ବୋଲି ରାଜ୍ୟ ନିର୍ବାଚନ କମିଶନର ସୂଚନା ଦେଇଛନ୍ତି ।

ବ୍ଲକ୍ ଓ ପୌର ଅଧିକାରୀ ବୁଥ୍ ଗୁଡିକର ଫିଜିକାଲ୍ ଭେରିଫିକେସନ୍ କରିବେ । ନିର୍ବାଚନ ପାଇଁ ବୁଥଗୁଡିକ ଠିକ୍ ଅଛି ନା ନାହିଁ ତାର ଫିଜିକାଲ୍ ଭେରିଫିକେସନ୍ ରିପୋର୍ଟକୁ କମିଶନଙ୍କ ସ୍ୱତନ୍ତ୍ର ଆପ୍‌ରେ ସେମାନେ ଅପଲୋଡ୍ କରିବେ। ଯେଉଁ ବୁଥରେ ସମସ୍ୟା ଥିବ ସେଥିରେ ସୁଧାର ଅଣାଯିବ ବୋଲି ରାଜ୍ୟ ନିର୍ବାଚନ କମିଶନର କହିଛନ୍ତି । ଖାଲି ସେତିକି ନୁହେଁ, ସୋସିଆଲ ମିଡିଆରେ ଏଆଇ ଜରିଆରେ ଅପପ୍ରଚାର ଉପରେ ଏଥର କମିଶନଙ୍କ କଡା ନଜର ରହିବ ।

ଓଡ଼ିଶା ସରକାରଙ୍କ ବଡ଼ ପଦକ୍ଷେପ ଭଙ୍ଗାଯିବ ଦୁର୍ବଳ କୋଠା

ଭୁବନେଶ୍ୱର, ୭ ।୯
ନ୍ୟୁଜ୍ ବ୍ୟୁରୋ

ଦିଲ୍ଲୀରେ ଦୁର୍ବଳ ଅଟାଳିକା ଭୁଶୁଡି ଅନେକ ମୃତାହତ ହେବା ଘଟଣା ପରେ ଓଡ଼ିଶା ସରକାର ମଧ୍ୟ ସତର୍କ ହୋଇଛନ୍ତି। ରାଜ୍ୟରେ ଥିବା ଦୁର୍ବଳ ଓ ବିପଦଶଙ୍କୁଳ କୋଠାଗୁଡ଼ିକୁ ଚିହ୍ନଟ କରି ଭାଙ୍ଗିବା ନେଇ ପଦକ୍ଷେପ ନିଆଯିବ ବୋଲି ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି । ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ରାଜ୍ୟର ସମସ୍ତ ଦୁର୍ବଳ *(ପୃଷ୍ଠା ୭ରେ)*

ଆଇଏଏସ୍ ସ୍ତରରେ ଅଦଳବଦଳ

ସୁରେଶ ବଶିଷ୍ଠ ହେଲେ ସାଧାରଣ ପ୍ରଶାସନ ବିଭାଗର ପ୍ରମୁଖ ଶାସନ ସଚିବ

ଭୁବନେଶ୍ୱର, ୭ ।୯
ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ସରକାର ଆଇଏଏସ୍ ସ୍ତରରେ ଅଦଳବଦଳ କରିଛନ୍ତି । ପ୍ରଶାସନିକ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ ଦକ୍ଷ କରିବା ଲକ୍ଷ୍ୟରେ ଏହି ପରିବର୍ତ୍ତନ କରାଯାଇଛି ।

ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ବରିଷ୍ଠ ଆଇଏଏସ୍ ଅଧିକାରୀ ସୁରେଶ ବଶିଷ୍ଠଙ୍କୁ ସାଧାରଣ ପ୍ରଶାସନ ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ନିଯୁକ୍ତ କରାଯାଇଛି । ଏଥିସହ ସେ ସଂସଦୀୟ ବ୍ୟାପାର ବିଭାଗର ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇବେ । ସେହିପରି ସୁଧାଂଶୁ ମୋହନ ସାମଲଙ୍କୁ ଓଡ଼ିଶା ଖଣି ନିଗମର ଅଧ୍ୟକ୍ଷ ଦାୟିତ୍ୱରେ ଅବସ୍ଥାପିତ କରାଯାଇଛି ।

ଅନ୍ୟପକ୍ଷରେ ଡା. ବୃନ୍ଦା ଡି.ଙ୍କୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର କମିଶନର ତଥା ଶାସନ ସଚିବ ଦାୟିତ୍ୱରେ ଅବସ୍ଥାପିତ କରାଯାଇଛି ।

ଓଲଟିଲା ଶ୍ରଦ୍ଧାଳୁଙ୍କୁ ନେଇ ଯାଉଥିବା ଟ୍ରକ୍ : ୧୨ ମୃତ

ବାଗପତ, ୭ ।୯

ଉତ୍ତର ପ୍ରଦେଶର ବାଗପତ ଜିଲ୍ଲାର ପୂର୍ବ ପେରିଫେରାଲ ଏକ୍ସପ୍ରେସୱେରେ ସୋମବାର ସକାଳେ ତୀର୍ଥଯାତ୍ରୀମାନଙ୍କୁ ନେଇ ଯାଉଥିବା ଏକ ଟ୍ରକ୍ ଓଲଟି ପଡ଼ିବାରୁ ୧୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୬ରୁ ଅଧିକ ଆହତ ହୋଇଛନ୍ତି । ତୀର୍ଥଯାତ୍ରୀଙ୍କ ଏହି ଦଳ ରାଜସ୍ଥାନର ବାଗାଡଧାମ ଦର୍ଶନ କରି ଫେରୁଥିଲେ ।

ବାଗପତ ଜିଲ୍ଲା ମୁଖ୍ୟାଳୟରୁ ପ୍ରାୟ ୧୫ କିଲୋମିଟର ଦୂର ଖେକ୍ରା କୋତୱାଲି ଏବଂ ବାଡା ଗାଁ ମଧ୍ୟରେ ରାତି ପ୍ରାୟ ୧ଟା ସମୟରେ ଏହି ଦୁର୍ଘଟଣା ଘଟିଥିଲା । ପୁଲିସ ଠାରୁ ମିଳିଥିବା ସୂଚନାନୁଯାୟୀ, ୩୨ ଜଣ ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ଟ୍ରକଟି ଓଲଟି ପଡ଼ିବା ପୂର୍ବରୁ ଏକ ଡିଭାଇଡରରେ ଧକ୍କା ଦେଇଥିଲା । ଦୁର୍ଘଟଣାର ଖବର ପାଇବା ପରେ ଉଦ୍ଧାରକାରୀ ଦଳ ଏବଂ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ । ଆହତମାନଙ୍କୁ ଜିଲ୍ଲା ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତରମାନେ ପ୍ରଥମେ ୬ ଜଣଙ୍କୁ ମୃତ ଘୋଷଣା କରିଥିଲେ ।

ଜଣେ ଡାକ୍ତର କହିଛନ୍ତି ଯେ ୨୨ ଜଣ ଆହତ ଯାତ୍ରୀଙ୍କୁ ହସ୍ପିଟାଲକୁ ଅଣାଯାଇଥିଲା, ଯେଉଁଥିରୁ ୧୮ ଜଣଙ୍କୁ ପରେ ମେରଠର ଏକ ମେଡିକାଲ ସେଣ୍ଟରକୁ ରେଫର କରାଯାଇଥିଲା । ଚିକିତ୍ସା ସମୟରେ ଆଉ ୬ ଜଣଙ୍କର ମୃତ୍ୟୁ ହେବା ସହିତ ମୃତ୍ୟୁ ସଂଖ୍ୟା ୧୨ କୁ ବୃଦ୍ଧି ପାଇଛି ।



ଘରୋଇ ଏଲପିଜି ଗ୍ରାହକଙ୍କ ପାଇଁ ବୁକିଂ ନିୟମରେ ହେଲା ପରିବର୍ତ୍ତନ

ନୂଆଦିଲ୍ଲୀ, ୭ ।୯

ଘରୋଇ ଏଲପିଜି ଗ୍ରାହକଙ୍କ ପାଇଁ ଖୁସି ଖବର । ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଗ୍ରାହକଙ୍କ ପାଇଁ ଏଲପିଜି ରିଫିଲ୍ ବୁକିଂ ବ୍ୟବଧାନକୁ କୋହଳ କରିଛନ୍ତି କେନ୍ଦ୍ର ସରକାର । ଏଣିକି ସମସ୍ତ ଘରୋଇ ଏଲପିଜି ଗ୍ରାହକ ୨୫ ଦିନ ବ୍ୟବଧାନରେ ସିଲିଣ୍ଡର ରିଫିଲ୍ ବୁକ୍ କରିପାରିବେ । ଏଲପିଜି ଯୋଗାଣ ସ୍ଥିତିରେ ଉନ୍ନତି ଓ ରିଫିଲ୍ ବ୍ୟାକଲଗ୍‌ରେ ହ୍ରାସ ପରେ ସରକାର ଏହି କଟକଣା କୋହଳ କରିଛନ୍ତି । କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ରାଷ୍ଟ୍ରମନ୍ତ୍ରୀ ସୁରେଶ ଗୋପୀ ଏନେଇ ସୂଚନା ଦେଇଛନ୍ତି । ତାଙ୍କ କହିବା ଅନୁଯାୟୀ, ଘରୋଇ ଏଲପିଜି ଯୋଗାଣ ବ୍ୟବସ୍ଥାରେ ସୁଧାର ଆସିଥିବାରୁ ପୂର୍ବରୁ *(ପୃଷ୍ଠା ୭ରେ)*

ମେଟ୍ରୋ ରେଳରେ ଆମେରିକାକୁ ଟପିବ ଭାରତ

ନୂଆଦିଲ୍ଲୀ, ୭ ।୯

ଗତ କିଛି ବର୍ଷ ମଧ୍ୟରେ ଭାରତରେ ମେଟ୍ରୋ ରେଳ ନେଟୱାର୍କରେ ଉଲ୍ଲେଖନୀୟ ବୃଦ୍ଧି ହୋଇଛି । ଖୁବ୍‌ଶୀଘ୍ର ଏହା ଆମେରିକାକୁ ଅତିକ୍ରମ କରି ବିଶ୍ୱର ଦ୍ୱିତୀୟ ବୃହତ୍ ନେଟୱାର୍କ ହେବାକୁ ଯାଉଛି । ଆସନ୍ତା ଦୁଇ ବର୍ଷରେ ଭାରତ ଏହି ଉପଲବ୍ଧି ହାସଲ କରିବାକୁ ଯାଉଛି ବୋଲି ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହର ଲାଲ କହିଛନ୍ତି । ଆମେରିକାରେ ବର୍ତ୍ତମାନ ୧୩୮୬ କିଲୋମିଟରର ମେଟ୍ରୋ ରେଳ ନେଟୱାର୍କ ରହିଛି । ଭାରତରେ ତାହା ୧୧୭୦ କିମି ଅଛି । ଆମେରିକାଠାରୁ ଭାରତ ଆଉ ମାତ୍ର ୨୧୬ କିମି ପଛରେ ରହିଛି । ଆସନ୍ତା ଦୁଇ ବର୍ଷରେ ଆମେ ଆମେରିକାକୁ ଅତିକ୍ରମ କରିବା ସହ ଚୀନ ପଛକୁ ଦ୍ୱିତୀୟ ସ୍ଥାନରେ ରହିବା ବୋଲି ସେ ଆଶା ପ୍ରକଟ କରିଛନ୍ତି ।

୧୯୮୪ରେ ଭାରତରେ ମେଟ୍ରୋ ରେଳ ପ୍ରକଳ୍ପ ଆରମ୍ଭ ହୋଇଥିଲା । ୨୦୧୪ ସୁଦ୍ଧା ମାତ୍ର ପାଞ୍ଚଟି ସହରରେ ୨୪୫ କିମିର ମେଟ୍ରୋ ନେଟୱାର୍କ ରହିଥିଲା । ତାପରଠାରୁ ଏହି ନେଟୱାର୍କ ଦ୍ରୁତ ଗତିରେ ବିସ୍ତାର ହୋଇଛି । ବର୍ତ୍ତମାନ ୨୬ଟି ସହରରେ ୧୧୭୦ କିମିର ନେଟୱାର୍କ ରହିଛି । ଅର୍ଥାତ ଏକ ଦଶନ୍ଧି ମଧ୍ୟରେ ମେଟ୍ରୋ ରେଳ ନେଟୱାର୍କରେ ଚାରି *(ପୃଷ୍ଠା ୭ରେ)*

୯ରୁ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୭ ।୯
ନ୍ୟୁଜ୍ ବ୍ୟୁରୋ

ରାଜ୍ୟକୁ ପୁଣି ମାଡ଼ିଆସୁଛି ବଡ଼ ବର୍ଷା । ମଙ୍ଗଳବାର ବିଭିନ୍ନ ଜିଲାରେ ଘଡ଼ଘଡ଼ି, ବିଜୁଳି ସହ ବର୍ଷା ହେବ । ଏହାପରେ ୯ ତାରିଖରୁ ପୁଣି ଆରମ୍ଭ ହେବ ପ୍ରବଳରୁ ଅତିପ୍ରବଳ ବର୍ଷା । ବିଶେଷକରି ଉତ୍ତର ଓ ଉପକୂଳ ଓଡ଼ିଶାର ଅନେକ ଅଞ୍ଚଳରେ ବର୍ଷାର ପ୍ରଭାବ ଅଧିକ ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି ।

୧୭ ଜିଲାରେ ଘଡ଼ଘଡ଼ି ଓ ବିଜୁଳି ସହ ବର୍ଷା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଉତ୍ତର, ଉପକୂଳ ଓ ପଶ୍ଚିମ ଓଡ଼ିଶାର କେତେକ ଜିଲ୍ଲାକୁ ସତର୍କ କରାଯାଇଛି । ସେହିପରି ମଙ୍ଗ

32 YEARS
ସମ୍ବାଦ ଜହ୍ନିକା
ଭୁବନେଶ୍ୱର ୦୮ ସେପ୍ଟେମ୍ବର ୨୦୨୬ ମଙ୍ଗଳବାର

ସାକ୍ଷରତା କ୍ଲବ୍ ମାଧ୍ୟମରେ ସଚେତନ ଓ ଦାୟିତ୍ୱବାନ ମତଦାତା ସୃଷ୍ଟି ହେବ

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ନିର୍ବାଚନୀ ସାକ୍ଷରତା କ୍ଲବ୍ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଓ ସଚେତନତା ସଭା ଆୟୋଜିତ ହୋଇଯାଇଛି । ଯୁବପିଢ଼ି ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିର୍ବାଚନ ପ୍ରକ୍ରିୟା, ମତଦାତାଙ୍କ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି କରି ସେମାନଙ୍କୁ ଦାୟିତ୍ୱବାନ ଓ ସକ୍ରିୟ ଗଣତାନ୍ତ୍ରିକ ନାଗରିକ ଭାବେ ପ୍ରସ୍ତୁତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ରହିଛି । ଜିଲ୍ଲାର ସିଦ୍ଧେଶ୍ୱର ସଂସ୍କୃତ ମହାବିଦ୍ୟାଳୟ, ତିର୍ତ୍ତୋଲ ମହିଳା ମହାବିଦ୍ୟାଳୟ, କୁଜଙ୍ଗ ମହାବିଦ୍ୟାଳୟ, ସ୍ୱାମୀ ବିବେକାନନ୍ଦ

ସ୍ମାରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ପିଏମ ଶ୍ରୀ ସରକାରୀ ବିଦ୍ୟାଳୟ, ପାରାଦ୍ୱୀପ ଅଧୀନରେ ସଚେତନତା ସଭା ଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ଜ୍ୟୋତି ଶଙ୍କର ରାୟ, ନିରଞ୍ଜନ ବେହେରାଙ୍କ ସମେତ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ନିର୍ବାଚନୀ ସାକ୍ଷରତା ସମ୍ପର୍କରେ ପ୍ରଶିକ୍ଷଣ ଓ ସଚେତନ କରାଇଥିଲେ । ସଭାରେ ମତଦାତା ଭାବେ ପଞ୍ଜୀକରଣ ପ୍ରକ୍ରିୟା, ମତଦାତାଙ୍କ ଅଧିକାର ଓ ଦାୟିତ୍ୱ, ନୈତିକ ମତଦାନ, ପ୍ରାର୍ଥୀଙ୍କ ସମ୍ପର୍କରେ ସଠିକ୍ ତଥ୍ୟ ଜାଣି ସଚେତନ ନିଷ୍ପତ୍ତି ନେବା ଏବଂ ନିର୍ବାଚନରେ ସକ୍ରିୟ ଅଂଶଗ୍ରହଣର ଗୁରୁତ୍ୱ ଉପରେ ଆଲୋଚନା କରାଯାଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରଶ୍ନୋତ୍ତରୀ, ମତଦାତା ଶପଥ, ପୋଷ୍ଟର ପ୍ରସ୍ତୁତି ଆଦି ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକଳାପ କରାଯାଇଥିଲା । ଏହା ମାଧ୍ୟମରେ ଛାତ୍ରଛାତ୍ରୀମାନେ ଗୋଟିଏ ଭୋଟରର ମୂଲ୍ୟ ଓ ଗଣତନ୍ତ୍ରରେ ମତଦାତାଙ୍କ ଭୂମିକା ବିଷୟରେ ଅବଗତ ହୋଇଥିଲେ। ଛାତ୍ରଛାତ୍ରୀମାନଙ୍କୁ ନିଜ ପରିବାର, ବନ୍ଧୁବର୍ଗ ଓ ସମାଜ ମଧ୍ୟରେ ନିର୍ବାଚନୀ ସାକ୍ଷରତାର ବାର୍ତ୍ତା ପହଞ୍ଚାଇବା ପାଇଁ 'ଗଣତନ୍ତ୍ରର ଦୂତ' ଭାବେ କାର୍ଯ୍ୟ କରିବାକୁ ପ୍ରେରିତ କରାଯାଇଥିଲା । ଜିଲ୍ଲା ନିର୍ବାଚନ ବିଭାଗ ପ୍ରଶାସନ, ଶିକ୍ଷାନୁଷ୍ଠାନ ଏବଂ ନିର୍ବାଚନୀ ସାକ୍ଷରତା କ୍ଲବ୍‌ଗୁଡ଼ିକର ସହଯୋଗ ଓ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଜଗତସିଂହପୁର ଜିଲ୍ଲାରେ ସଚେତନ, ଦାୟିତ୍ୱବାନ ଓ ସକ୍ରିୟ ମତଦାତା ସୃଷ୍ଟି ସହ ଗଣତାନ୍ତ୍ରିକ ଅଂଶଗ୍ରହଣକୁ ଆହୁରି ସୁଦୃଢ଼ କରିବା ଦିଗରେ ଏକ ସାର୍ଥକ ପଦକ୍ଷେପ ଭାବେ ପରିଗଣିତ ହୋଇଛି ।"ମୋ ଭୋଟ୍, ମୋ ଅଧିକାର-ପ୍ରତ୍ୟେକ ଭୋଟ୍ ମହତ୍ତ୍ୱପୂର୍ଣ୍ଣ ।" ଏହି ବାର୍ତ୍ତା ପ୍ରତି ଘରେ ପହଞ୍ଚିଛି ।

ବ୍ରହ୍ମପୁରରେ ପ୍ରସ୍ତାବରେ ସୀମିତ ରହିଛି ଇଭି ଚାର୍ଜିଂ ଷ୍ଟେସନ୍

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ସହରରେ ଦ୍ରୁତଗତିରେ ବଢୁଛି ଇଲେକ୍ଟ୍ରିକ୍ ଯାନବାହନ । ରାସ୍ତାରେ ଇ-ବାଇକ୍, ସ୍କୁଟର, ଅଟୋରିକ୍ସାଠାରୁ ଆରମ୍ଭ କରି କାର୍ ପର୍ଯ୍ୟନ୍ତ ଅଧିକ ସଂଖ୍ୟାରେ ଦେଖାଯାଉଛି । କିନ୍ତୁ ଏହି ଯାନଗୁଡ଼ିକ ପାଇଁ ସହରରେ ଏ ପର୍ଯ୍ୟନ୍ତ ଏକ ସୁବ୍ୟବସ୍ଥିତ ସାର୍ବଜନୀନ ଚାର୍ଜିଂ ବ୍ୟବସ୍ଥା ହୋଇପାରିନାହିଁ । ଫଳରେ ଇଭି ବ୍ୟବହାରକାରୀ ମାନେ ଚାର୍ଜ ସରିଯିବା ଭୟରେ ଅନେକ ସମୟରେ ଯାତ୍ରା ଯୋଜନା ବଦଳାଇବାକୁ ବାଧ ହେଉଛନ୍ତି । ଅନେକ ସମୟରେ ଗାଡ଼ି ଚାଳକ ଚାର୍ଜିଂ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଇଭି ଚାର୍ଜିଂ ଷ୍ଟେସନ୍ ସ୍ଥାପନ ପାଇଁ ଦୀର୍ଘ ଦିନ ହେଲା ପ୍ରସ୍ତୁତି ଚାଲିଛି । ସହରର ବିଭିନ୍ନ ଅଞ୍ଚଳରେ ୧୪ଟି ସମ୍ଭାବ୍ୟ ସ୍ଥାନ ଚିହ୍ନଟ କରି ଏନେଇ ରିପୋର୍ଟ ମଧ୍ୟ ପ୍ରସ୍ତୁତ ହୋଇସାରିଛି । ଏଥିପାଇଁ ୨୦୨୬-୨୭ ବଜେଟ୍‌ରେ ୫୦ ଲକ୍ଷ ଟଙ୍କାର ବ୍ୟୟବରାଦ ହୋଇଛି । ତଥାପି ପ୍ରକଳ୍ପ ବାସ୍ତବତାର ରୂପ ନେଇନଥିବାରୁ ଇଭି ଚାଳକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି । କେବଳ ବ୍ରହ୍ମପୁର ନୁହେଁ, ସମଗ୍ର ଦେଶରେ ଇଲେକ୍ଟ୍ରିକ୍ ଯାନର ବ୍ୟବହାର ବଢୁଥିବାରୁ ଚାର୍ଜିଂ ଭିତିଭୂମି ବିକାଶ ଏବେ ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ପାଲଟିଛି । ପେଟ୍ରୋଲ୍ ଓ ଡ଼ିଜେଲ୍‌ର ବଢୁଥିବା ଦର ସହିତ ପ୍ରଦୂଷଣ ନିୟନ୍ତ୍ରଣ ଦିଗରେ ଇଭିକୁ ବିକଳ୍ପ ଭାବେ ଦେଖାଯାଉଛି । ସରକାରୀ ପ୍ରୋତ୍ସାହନ ଓ ବଜାରରେ ଇଭି ମଡ଼େଲର ବୃଦ୍ଧି ଯୋଗୁଁ ଗତ କିଛି ମାସ ସମୟ ମଧ୍ୟରେ ଏହାର ବ୍ୟବହାର ଉଲ୍ଲେଖନୀୟ ଭାବେ ବଢ଼ିଛି । ଇଭିର ଚାହିଦା ବଢୁଥିବା ପରିପ୍ରେକ୍ଷୀରେ ଚାର୍ଜିଂ ଭିତିଭୂମି ସୁଦୃଢ଼ କରିବା ନେଇ କେନ୍ଦ୍ର ସରକାର ମଧ୍ୟ ରାଜ୍ୟଗୁଡ଼ିକୁ ପଦକ୍ଷେପ ନେବାକୁ କହିଛନ୍ତି । ୨୦୨୫ ସେପ୍ଟେମ୍ବର ଇଭି ଚାର୍ଜିଂ ଷ୍ଟେସନ୍ ସ୍ଥାପନ ସମ୍ପର୍କିତ ପ୍ରସ୍ତୁତି ଓ ପରବର୍ତ୍ତୀ କାର୍ଯ୍ୟପନ୍ଥା ନେଇ ରାଜ୍ୟର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ରିପୋର୍ଟ ମାଗିଥିଲା । ଏହାପରେ ରାଜ୍ୟର ବିଭିନ୍ନ ମହାନଗର ନିଗମଠାରୁ ଚାର୍ଜିଂ ଷ୍ଟେସନ୍ ପାଇଁ ଫିଜିବିଲିଟି ରିପୋର୍ଟ ସଂଗ୍ରହ କରାଯାଇଥିଲା । ଏହି ପ୍ରକ୍ରିୟାର ଅଂଶ ଭାବେ ଗତବର୍ଷ ଅକ୍ଟୋବରରେ ବ୍ରହ୍ମପୁର ମହାନଗର ନିଗମର ଯନ୍ତ୍ରୀମାନଙ୍କ ଏକ ଟିମ୍ ସହରର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ । ଜନସମାଗମ୍ ଯାନବାହନ ଚଳାଚଳ, ସ୍ଥାନର ଉପଲବ୍ଧତା ଓ ଭବିଷ୍ୟତ ଚାହିଦାକୁ ଆଧାର କରି ୧୪ଟି ସ୍ଥାନ ଚୁଡ଼ାନ୍ତ କରାଯାଇଥିଲା । ହଳଦିଆପଦର ବସ୍‌ଷ୍ଟାଣ୍ଡ, ତୁତୁମା କଲୋନୀ, ଅସ୍ଥାୟୀ ବସ୍‌ଷ୍ଟାଣ୍ଡ, ପୁରୁଣା ବସ୍‌ଷ୍ଟାଣ୍ଡ ବହୁତଳ କାର୍ ପାର୍କିଂ କମ୍ପ୍ଲେକ୍ସ, ରାମଲିଙ୍ଗେଶ୍ୱର ପାର୍କ, ଏମ୍‌କେସିଜି, ଇଞ୍ଜିନିୟରିଂ ସ୍କୁଲ ଛକ, ଆମ୍ବୁଆ ସମେତ ଅନ୍ୟ ସ୍ଥାନକୁ ଏଥିରେ ସାମିଲ କରାଯାଇଥିଲା । ସ୍ଥାନ ଚିହ୍ନଟ ପରେ ଆବଶ୍ୟକ ପ୍ରକ୍ରିୟା ଆଗକୁ ବଢ଼ାଇବାପାଇଁ ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ୍‌ରେ ୫୦ ଲକ୍ଷ ଟଙ୍କା ରଖାଯାଇଥିଲା । ଏହା ସତ୍ତ୍ୱେ ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ହେଉଥିବା ବିଳମ୍ବ ଏବେ ପ୍ରଶ୍ନ ଉଠାଇଛି ।

ମାସିକ ସାହିତ୍ୟ ଆସର ଓ ଗଙ୍ଗାଧର ଜୟନ୍ତୀ ପାଳିତ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ସହର ନିକଟବର୍ତ୍ତୀ ଟୁଟୁସିଙ୍ଗା ହାଇସ୍କୁଲ ପରିସରରେ ବୌଦ୍ଧ ଜିଲ୍ଲା କଲଚ୍‌ରାଲ ଏକାଡେମୀର ମାସିକ ସାହିତ୍ୟ ଆସର ଓ ଗଙ୍ଗାଧର ମେହେର ଜୟନ୍ତୀ ଏକାଡେମୀର ଉପସଭାପତି ଟଙ୍କଧର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବରିଷ୍ଠ ଅଧିବକ୍ତା ସୁଧୀର କୁମାର କର୍ଣ୍ଣ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ପ୍ରତାପ କୁମାର ରଥ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସାହିତ୍ୟ କ୍ଷେତ୍ରରେ ଗଙ୍ଗାଧର ମେହେରଙ୍କ ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସଂପାଦକ ରାଧାମୋହନ ମାହାଣା ଅତିଥି ପରିଚୟ ପ୍ରଦାନ କରିବା ସହିତ ସମସ୍ତ କବିମାନଙ୍କୁ ରାକ୍ଷୀବାନ୍ଧିବା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ପରେ କବି ନାଦୁଲେନ୍ଦୁ ମହାନ୍ତି, ବି କେ ନିର୍ମଳ, ତପନ ନାୟକ, ପ୍ରତାପ କୁମାର ରଥ, ରାଜକୁମାର ପ୍ରଧାନ, ରାଧାମୋହନ ମାହାଣା, ସଂସାର ଅମାତ, ଟଙ୍କଧର ସାହୁ ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ଅନୁଷ୍ଠାନର ସଦସ୍ୟ ରାଜକୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ ।

ରାୟଗଡା ଜିଲ୍ଲାରେ ଆରମ୍ଭ ହେବ ଯାନ୍ତ୍ରିକ ରାସ୍ତା ସଫେଇ ବ୍ୟବସ୍ଥା

ରାୟଗଡ, ନ୍ୟୁଜ୍ ବ୍ୟୁରୋ

ରାୟଗଡ଼ ପୌରପରିଷଦ ଅଞ୍ଚଳକୁ ଅଧିକ ସ୍ୱଚ୍ଛ, ସୁନ୍ଦର ତଥା ପ୍ରଦୂଷଣମୁକ୍ତ କରିବା ଉଦ୍ଦେଶ୍ୟରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ପତ୍ର ସଂଖ୍ୟା ୮୬୨୫/୨୨.୦୪.୨୦୨୬ ଅନୁସାରେ ସମ୍ବଲପୁର ମହାନଗର ନିଗମ, ଜୟପୁର ପୌରପରିଷଦ ଏବଂ ରାୟଗଡ଼ ପୌରପରିଷଦ କୁ ଯାନ୍ତ୍ରିକ ସଫେଇ ପାଇଁ ଗ୍ରୀନ ଇନୋଭେଟିବ ପାୱାର ପ୍ରାଇଭେଟ୍ ଲିମିଟେଡ ସଂସ୍ଥାକୁ ନିୟୋଜିତ କରାଯାଇଛି । ଏହି ସଂସ୍ଥା ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବା ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ସ୍ୱାୟତ ଶାସନ ଦିବସ ପାଳନ ଅବସରରେ ରାୟଗଡ଼ ଜିଲ୍ଲାର ମାନ୍ୟବର ବିଧାୟକ ଆପାଲା ସ୍ୱାମୀ କାତ୍ରାକା ଏହି ଯାନ୍ତ୍ରିକ ସଫେଇ ଗାଡିକୁ ରାୟଗଡ଼ ପୌରପରିଷଦର ଅଧକ୍ଷ, କାର୍ଯ୍ୟନିର୍ବାହୀ ଅଧିକାରୀ, ସମସ୍ତ ପରିଷଦ ବୃନ୍ଦ ଏବଂ ପୌର କର୍ମଚାରୀଙ୍କ ଉପସ୍ଥିତିରେ ଉଦ୍-ଘାଟନ କରିଥିଲେ । ସେପ୍ଟେମ୍ବର ପହିଲାରୁ ରାୟଗଡ଼ ସହରରେ ଅତ୍ୟାଧୁନିକ ମେକାନିକାଲ ସ୍ୱିପିଂ ସେବା ଆରମ୍ଭ କରାଯାଉଛି । ଏହି ଯାନ୍ତ୍ରିକ ସଫେଇ ବ୍ୟବସ୍ଥା ଦ୍ୱାରା ପୌରାଞ୍ଚଳ ଅଧୀନରେ ଥିବା ସମସ୍ତ ମୁଖ୍ୟ ରାସ୍ତାଗୁଡ଼ିକର ସଫେଇ କାର୍ଯ୍ୟ ସୁଚାରୁରୂପେ ସମ୍ପାଦିତ ହେବ। ଅତ୍ୟାଧୁନିକ ମେସିନ୍ ସାହାଯ୍ୟରେ ଧୂଳି, ବାଲି ଏବଂ ଅଳିଆ ଆବର୍ଜନାକୁ ଖୁବ୍ କମ୍ ସମୟ ମଧ୍ୟରେ ସଫା କରାଯାଇ ପାରିବ, ଯାହା ପାରମ୍ପରିକ ସଫେଇ ତୁଳନାରେ ଯଥେଷ୍ଟ ଉନ୍ନତ ଓ ପ୍ରଭାବଶାଳୀ ହେବ। ସହରର ସମସ୍ତ ପ୍ରମୁଖ ତଥା ବ୍ୟସ୍ତବହୁଳ ରାଜପଥ ଓ ରାସ୍ତାଗୁଡ଼ିକ ଏହି ବ୍ୟବସ୍ଥା ଅଧୀନରେ ନିୟମିତ ଭାବେ ସଫେଇ କରାଯିବ। ରାସ୍ତାରୁ ଉଡୁଥିବା ଧୂଳିକୁ ମେସିନ୍ ଦ୍ୱାରା ଟାଣି ନିଆଯିବା ଫଳରେ ସହରର ବାୟୁ ଗୁଣବତ୍ତାରେ ଉନ୍ନତି ଆସିବ ଏବଂ ନାଗରିକଙ୍କ ସ୍ୱାସ୍ଥ୍ୟ ସୁରକ୍ଷିତ ରହିବ। ଏହି ସେବା ପରିଚାଳନା ପାଇଁ ସରକାରୀ ନିୟମାନୁଯାୟୀ ଯୋଗ୍ୟତା ହାସଲ କରିଥିବା ଗ୍ରୀନ ଇନୋଭେଟିବ୍ ପାୱାର ପ୍ରାଇଭେଟ୍ ଲିମିଟେଡ୍ ସଂସ୍ଥା ଦ୍ୱାରା ଉଚ୍ଚମାନର ମେସିନ୍ ନିୟୋଜିତ କରାଯାଉଛି। ରାୟଗଡ଼କୁ ଏକ ସ୍ୱଚ୍ଛ ଓ ସବୁଜ ସହର ଭାବେ ଗଢ଼ିତୋଳିବା ପାଇଁ ପୌର ପ୍ରଶାସନ ସର୍ବଦା ପ୍ରତିଶ୍ରୁତିବଦ୍ଧ। ଏହି ନୂତନ ପଦକ୍ଷେପକୁ ସଫଳ କରିବା ପାଇଁ ପୌରପରିଷଦ ତରଫରୁ ସମସ୍ତ ସହରବାସୀଙ୍କ ଆନ୍ତରିକ ସହଯୋଗ କାମନା କରାଯାଉଛି।

ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ମକ୍‌ଡ୍ରିଲ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ବୀରନରସିଂହପୁର ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ମକ୍‌ଡ୍ରିଲ ସରକାରୀ ଉ.ପ୍ରାଥମିକ.ବିଦ୍ୟାଳୟ,ବୀରନରସିଂହପୁରରେ ସାଧନକେନ୍ଦ୍ର ସଂଯୋଜକ ଅର୍ଜୁନ କଅଁରଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୋଟ ୧୧ ଗୋଟି ବିଦ୍ୟାଳୟର ୧୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ, ୩୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ସାଧନକର୍ମୀ ରୂପେ ବୌଦ୍ଧଜିଲ୍ଲା ରେଡକ୍ରସ ଅଫିସର ତଥା ଅଧ୍ୟାପକ ନବ କିଶୋର ଦୀପ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଅଗ୍ନିକାଣ୍ଡ ପରିଚାଳନା, ଜରୁରୀକାଳୀନ ସ୍ଥାନାନ୍ତରୀକରଣ, ବ୍ୟକ୍ତିଗତ ନିରାପତ୍ତା ପ୍ରାଥମିକ ସହାୟତା ତଥା ହୃଦଘାତ ପରିଚାଳନା ବିଷୟରେ ଆବଶ୍ୟକୀୟ ବିଶଦ ସୂଚନା ଦେବାସହ ପ୍ରତ୍ୟକ୍ଷ ପରିଚାଳନାଗତ କାର୍ଯ୍ୟ ପ୍ରଦର୍ଶିତ କରିଥିଲେ। ଏହି କାର୍ଯ୍ୟରେ ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଏପରି କାର୍ଯ୍ୟକ୍ରମ ବାସ୍ତବରେ ବିଦ୍ୟାଳୟ ସ୍ତରରେ ତଥା ନିଜ ଜୀବନରେ ଅତି ଆବଶ୍ୟକୀୟ ବୋଲି ସମସ୍ତେ ମତାମତ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ରମେଶ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିବାବେଳେ ଶିକ୍ଷକ ଭବାନୀ ଶଙ୍କର କଅଁର ଧନ୍ୟବାଦ ଅର୍ପଣ କରିଥିଲେ

ଧର୍ମଶାଳା ପଞ୍ଚାୟତ ସମିତିର ସାଧାରଣ ଅଧିବେଶନ

ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ

ଧର୍ମଶାଳା ପଞ୍ଚାୟତ ସମିତିର ତ୍ରୟୋଦଶ ସାଧରଣ ପରିଷଦ ବୈଠକ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ସମିତିଅଧକ୍ଷା ସୁଚିସ୍ମିତା ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ ଧର୍ମଶାଳାର ଦ୍ରୁତବିକାଶ ପାଇଁ ଲୋକଙ୍କ ସମସ୍ୟାକୁ ପ୍ରାଥମିକତା ଦେବା, ଏକତ୍ରିତ ହୋଇ କାମ କରିବାକୁ ପରାମର୍ଶ ଦେଇଥିଲେ। ବିଡ଼ିଓ ଜ୍ୟୋତିର୍ମୟ କର ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର, ସାଂସଦ ପ୍ରତିନିଧି କାହ୍ନୁଚରଣ ଦାସ ଯୋଗ ଦେଇ ନିଜମତ ରଖିଥିଲେ। ବ୍ଲକର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟମାନେ ନିଜ ପଞ୍ଚାୟତର ଅଭାବ ଅସୁବିଧା କଥା କହିଥିଲେ। ବିଭାଗୀୟ ଅଧିକାରୀ ମାନେ ନିଜ ବିଭାଗର ଲୋକଙ୍କ କଲ୍ୟାଣପାଇଁ କାର୍ଯ୍ୟକାରୀ ଜନହିତକାରୀ ଯୋଜନା ସମ୍ପର୍କରେ ବୈଠକରେ ଉପସ୍ଥାପିତ କରିଥିଲେ। ଶେଷରେ ଏବିଡ଼ିଓ ଧନ୍ୟବାଦ ଅର୍ପଣ କରିଥିଲେ।

ସମାଜର ମୁଖ୍ୟ ସ୍ରୋତରେ ସାମିଲ ପାଇଁ ରାହା ଖୋଜୁଛନ୍ତି କିନ୍ନର

ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ

ଗୁଜୁରାଣ ମେଣ୍ଟାଇବା ପାଇଁ ନିଜ ଭିଟାମାଟି ଛାଡ଼ି ଚାଲିଯାଇଥିଲେ ସ୍ୱପ୍ନର ନଗରୀ ମୁମ୍ବାଇ। ଆଶା ଥିଲା ଜନଗହଳିପୂର୍ଣ୍ଣ ସହରରେ ବେଶ୍ ଦୁଇ ପଇସା ରୋଜଗାର କରିବେ ଆଉ ପରିବାର ପ୍ରତିପୋଷଣ କରିବେ । ଚାହୁଁ ଚାହୁଁ ବିତିଗଲା ଦୁଇ ବର୍ଷ। ପରିବାରକୁ ଚଳାଇବେ କ'ଣ ନିଜର ଭରଣପୋଷଣ ପାଇଁ ମଧ୍ୟ ପାରିଶ୍ରମିକ ଯୋଗାଡ଼ ହୋଇପାରିଲା ନାହିଁ । ଶେଷରେ ନିଜ ଭିଟାମାଟି ବ୍ରହ୍ମପୁରକୁ ଫେରି ଆସିଛନ୍ତି ୧୦ରୁ ଉର୍ଦ୍ଧ୍ୱ କିନ୍ନର। ବ୍ରହ୍ମପୁର ପିଭିଏନ୍ ରାଓ ପେଟ୍ରୋଲ୍ ପମ୍ପ ନିକଟ ଟ୍ରାଫିକ୍ ପୋଷ୍ଟ, କୋର୍ଟପେଟା ଓ ଟାଟାବେଞ୍ଚ ଟ୍ରାଫିକ୍ ପୋଷ୍ଟ ଛକରେ ବଞ୍ଚିବାର ରାହା ଖୋଜୁଛନ୍ତି ଅନୁ, ସୀମା ଏବଂ ସୁପ୍ରିୟା ଭଳି ମୁମ୍ବାଇରୁ ଫେରିଥିବା ୧୦ରୁ ଉର୍ଦ୍ଧ୍ୱ କିନ୍ନର । ଲାଞ୍ଜିପଲ୍ଲୀ ଅଞ୍ଚଳର ଅନୁ, ସୀମା, ସୁପ୍ରିୟା ଭଳି ପ୍ରାୟ ୧୦ରୁ ଉର୍ଦ୍ଧ୍ୱ କିନ୍ନର ରୋଜଗାର ପାଇଁ ଅନେକ ଆଶା ନେଇ ମୁମ୍ବାଇ ଚାଲିଯାଇଥିଲେ । ସେଠାରେ ପର ଆଗରେ ହାତ ପତେଇଲେ ମଧ୍ୟ ଦୈନିକ ସର୍ବନିମ୍ନ ମୂଲ୍ୟ ମିଳୁନଥିଲା । ପେଟର ଭୋକକୁ ମେଣ୍ଟାଇବା ପାଇଁ ସେମାନେ ନିଜ ଭିଟାମାଟିକୁ ଫେରିଆସି ଗଞ୍ଜାମ ଜିଲ୍ଲା କିନ୍ନର ସଂଘ ସହିତ ବିଚାରବିମର୍ଶ କରିବା ପରେ ବ୍ରହ୍ମପୁର ସହରର ଟ୍ରାଫିକ୍ ପୋଷ୍ଟରେ ଛିଡ଼ା ହୋଇ ଲୋକଙ୍କ ଆଗରେ ହାତ ପତେଇବା ଆରମ୍ଭ କରି ଜିଇଁବାର ନୂଆ ରାହାକୁ ଆପଣାଇଛନ୍ତି । ବ୍ରହ୍ମପୁର ଟ୍ରାଫିକ୍ ପୋଷ୍ଟରେ କିନ୍ନରଙ୍କ ଉପସ୍ଥିତି ସହରବାସୀଙ୍କ ପାଇଁ ନୂଆଁ ଭଳି ଲାଗୁଥିଲେ ମଧ୍ୟ ସେମାନଙ୍କ ସହଯୋଗରେ କିନ୍ନରଙ୍କ ଗୁଜୁରାଣ କିଛି ମାତ୍ରା ମେଣ୍ଟି ଯାଉଛି ବୋଲି କହିଛନ୍ତି କିନ୍ନର ଅନୁ, ସୀମା ଏବଂ ସୁପ୍ରିୟା । କିନ୍ନରଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ପାଇଁ ଜିଲ୍ଲା ପ୍ରଶାସନ ଏବଂ ବ୍ରହ୍ମପୁର ମହାନଗର ନିଗମ ଅନେକ କାର୍ଯ୍ୟ ହାତକୁ ନେଇଛି । ତେବେ ଏହି ନବାଗତ କିନ୍ନରଙ୍କ ସମସ୍ୟାର ସମାଧାନ ପାଇଁ ନିଜ ସମ୍ପ୍ରଦାୟ କରିଥିବା ସଙ୍ଗଠନ କିମ୍ବା ପ୍ରଶାସନର ସହାୟତାର ଆବଶ୍ୟକତା ରହିଛି ବୋଲି କହିଛନ୍ତି ପେଟ୍ରୋଲ୍ ପମ୍ପ୍ ନିକଟରେ ଲୋକଙ୍କ ନିକଟରେ ହାତ ପତାଉଥିବା ଏହି କିନ୍ନର ।

ଜଗତସିଂହପୁର ଜିଲ୍ଲାରୁ ବରିଷ୍ଠ ନାଗରିକମାନଙ୍କ ବାରଣାସୀ-ଅଯୋଧ୍ୟା ତୀର୍ଥଯାତ୍ରା

ଜଗତସିଂହପୁର , ନ୍ୟୁଜ୍ ବ୍ୟୁରୋ

ଜଗତସିଂହପୁର ଜିଲ୍ଲାରୁ ୮୫ଜଣ ବରିଷ୍ଠ ନାଗରିକ ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ସାମିଲ ହୋଇ ବାରଣାସୀ-ଅଯୋଧ୍ୟା ଅଭିମୁଖେ ଯାତ୍ରା କରିଅଛନ୍ତି । ଆଦିକବି ସାରଳା ଦାସ ସଂସ୍କୃତି ଭବନ ନିକଟରୁ ୨ ଗୋଟି ବସ୍ ଓ ଏକ ବୋଲେରୋ ଯୋଗେ ଯାତ୍ରାର ଶୁ

32 YEARS
ସମ୍ବାଦ ଜାହ୍ନବୀ
ଭୁବନେଶ୍ୱର, ୮ ସେପ୍ଟେମ୍ବର, ୨୦୨୬ ମଙ୍ଗଳବାର

ସମୃଦ୍ଧ ସହର ଯୋଜନାରେ ବ୍ରହ୍ମପୁରରେ କାର୍ଯ୍ୟକାରୀ ହେବ ଟାଉନ୍ ପ୍ଲାନିଂ ସ୍କିମ୍

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ସମୃଦ୍ଧ ସହର ଯୋଜନାରେ ବ୍ରହ୍ମପୁରରେ କାର୍ଯ୍ୟକାରୀ ହେବ ଟାଉନ୍ ପ୍ଲାନିଂ ସ୍କିମ୍ । ଅଳ୍ପ କିଛି ଦିନ ପୂର୍ବରୁ ନଗର ଉନ୍ନୟନ ବିଭାଗ ବ୍ରହ୍ମପୁର ସମେତ ରାଜ୍ୟର ସମସ୍ତ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଡ଼ାକି ଆଲୋଚନା କରିଛି । ଏହି ଆଲୋଚନାରେ ସମୃଦ୍ଧ ସହର ଯୋଜନାରେ ଟିପି ସ୍କିମ୍ କାର୍ଯ୍ୟକାରୀ ହେବା ନେଇ ବିଡ଼ିଏ କର୍ତ୍ତୃପକ୍ଷଙ୍କୁ ସଙ୍କେତ ଦିଆଯାଇଥିବା ସୂଚନା ମିଳିଛି । ସେପଟେ ଟିପି ସ୍କିମ୍ କାର୍ଯ୍ୟକାରୀ ପାଇଁ ବିଡ଼ିଏ ଏଜେନ୍ସି ଚୟନ କରିସାରିଛି । ଦିଲ୍ଲୀର ଏକ ବୈଷୟିକ ସଂସ୍ଥା ଏଥିପାଇଁ ଚୟନ ହୋଇଛି । ଗୋଟେ ପଟେ ରାଜ୍ୟ ସରକାରଙ୍କ ଠାରୁ ସବୁଜ ସଙ୍କେତ ମିଳିବା ଏବଂ ଅନ୍ୟପଟେ ଏଜେନ୍ସି ଚୟନ ହୋଇସାରିଥିବାରୁ ଶୀଘ୍ର ବ୍ରହ୍ମପୁରର ପ୍ରଥମ ଟାଉନ୍ ପ୍ଲାନିଂ ସ୍କିମ୍ ସ୍ୱପ୍ନ ସତ ହେବା ଆଶା ଦେଖାଦେଇଛି । ଦେଶର ସମସ୍ତ ଗୁରୁତ୍ୱପୂର୍ଣ୍ଣ ସହର ଭଳି ବ୍ରହ୍ମପୁରର କଳେବର ବଢ଼ିବ । ବ୍ରହ୍ମପୁର, ଛତ୍ରପୁର ଓ ଗୋପାଳପୁରକୁ ମିଶାଇ ଗ୍ରେଟର ବ୍ରହ୍ମପୁର ସିଟି ହେବ । କେବଳ ସେତିକି ନୁହେଁ, ଯୋଜନାବଦ୍ଧ ଭାବେ ସମସ୍ତ ମୌଳିକ ସେବା ଯୋଗାଇ ଦେବା ପାଇଁ ସହରରେ ଟିପି ସ୍କିମ୍ ଲାଗୁ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ଦୁଇଟି ଟିପି ସ୍କିମ୍ ବ୍ରହ୍ମପୁର-ଗୋପାଳପୁର ରାସ୍ତାର ରାମଚନ୍ଦ୍ରପୁର ଓ ଡୁରା ମୌଜାରେ କରାଯିବାକୁ ସ୍ଥିର ହୋଇଛି । କାର୍ଯ୍ୟକାରୀ ପୂର୍ବରୁ ଅନୁମୋଦନ ପାଇଁ ରାଜ୍ୟ ସରକାରଙ୍କ ନିକଟକୁ ଯାଇଛି । ସହର ଓ ଉପକଣ୍ଠ ଅଞ୍ଚଳକୁ ୫ଟି ଜୋନ୍‌ରେ ବିଭକ୍ତ କରାଯାଇଛି । ସମସ୍ତ ଜୋନ୍‌ରେ ଟିପି ସ୍କିମ୍ କାର୍ଯ୍ୟକାରୀ ପାଇଁ ଲକ୍ଷ୍ୟ ରହିଛି । ପ୍ରଥମ

ପର୍ଯ୍ୟାୟରେ ଦୁଇଟି ଟିପି ସ୍କିମ୍‌ର କାର୍ଯ୍ୟକାରୀତା ଉପରେ ଗୁରୁତ୍ୱ ଦିଆଯାଉଛି । ଏହାର ସଫଳତା ଆଧାରରେ ଅବଶିଷ୍ଟ ସ୍କିମ୍ ହେବ । ଟିପି ସ୍କିମ୍-୧ ରାମଚନ୍ଦ୍ରପୁର ମୌଜାରେ ହେବ ଏବଂ ସେଥିରେ ପ୍ରାୟ ୫୬୦ ଏକର ଜମି ଅନ୍ତର୍ଭୁକ୍ତ କରାଯିବ । ସେହିଭଳି ଦ୍ୱିତୀୟଟି ଏହାର ଦୁଇଜଣ ହେବ । ୧୨୫୦ ଏକର ଜମିକୁ ନେଇ ଦ୍ୱିତୀୟ ଟିପି ସ୍କିମ୍ କରାଯିବ ବୋଲି ଜଣାପଡ଼ିଛି । ତେବେ ଏଥିରେ ବି ସାମାନ୍ୟ ପରିବର୍ତ୍ତନ ହୋଇଛି । ନିକଟରେ ବିଡ଼ିଏ କର୍ତ୍ତୃପକ୍ଷ ଭୁବନେଶ୍ୱର ଯାଇ କେତେକ ଟିପି ସ୍କିମ୍ ଅନୁଧ୍ୟାନ କରିଛନ୍ତି । ସେଠାରେ ଟିପି ସ୍କିମ୍‌ଗୁଡ଼ିକ ୨୦୦ରୁ ୨୫୦ ଏକର ମଧ୍ୟରେ ସୀମିତ ରହିଛି । ଜମି ସେଟଲ୍‌ମେଣ୍ଟ ସହଜ ଦୃଷ୍ଟିରୁ ଆୟତନ ହ୍ରାସ କରାଯାଇଥିବା ଭୁବନେଶ୍ୱର କର୍ତ୍ତୃପକ୍ଷଙ୍କ ଠାରୁ ଅବଗତ ହେବା ପରେ ବ୍ରହ୍ମପୁରର ଟିପି ସ୍କିମ୍‌ଗୁଡ଼ିକ ମଧ୍ୟ ଆୟତନ ହ୍ରାସ କରିବା ଦିଗରେ ଆଲୋଚନା ଚାଲିଛି ବୋଲି ଜଣେ ଅଧିକାରୀ କହିଛନ୍ତି । ଟିପି ସ୍କିମ୍ କାର୍ଯ୍ୟକାରୀ ହେଲେ ଜମିଗୁଡ଼ିକ ୬୦-୪୦ ଅନୁପାତରେ ବିଭକ୍ତ ହେବ । ୬୦ ପ୍ରତିଶତ ଜମି ମାଲିକ ପାଇବେ ଏବଂ ୪୦ ପ୍ରତିଶତ ଜମିକୁ ବ୍ୟବହାର କରି ସମସ୍ତ ସୁବିଧା ସୁଯୋଗ ପ୍ରସ୍ତୁତ ହେବ । ମୂଳ ଜମିର ୪୦ ପ୍ରତିଶତ ସ୍ଥାନରେ ରାସ୍ତା, ଡ୍ରେନ୍, ଆଲୋକୀକରଣ, ପାର୍କ, ଖୋଲା ସ୍ଥାନ, ପାଣି ପାଇପ୍ ସଂଯୋଗ, ମନ୍ଦିର ନିର୍ମାଣ ପାଇଁ ସୁବିଧା କରାଯିବ । ଏହାଦ୍ୱାରା ଜମି ଦର ବୃଦ୍ଧି ପାଇବ । ୬୦ ପ୍ରତିଶତ ଜମି ମୂଳ ଜମି ଠାରୁ ଢେର୍ ଅଧିକ ମୂଲ୍ୟରେ ବିକ୍ରି ହେବ । ଟାଉନ୍ ପ୍ଲାନିଂ ଅଞ୍ଚଳରେ ସମସ୍ତ ସୁବିଧା ଉପଲବ୍ଧ ଥିବାରୁ ଲୋକ ବି ସେଠାରେ ରହିବା ପାଇଁ ଇଚ୍ଛା କରିବେ । ବ୍ରହ୍ମପୁର ସହରର ବ୍ୟବସ୍ଥିତ ସମ୍ପ୍ରସାରଣକୁ ଟିପି ସ୍କିମ୍ ନିଶ୍ଚିତ କରିବ ବୋଲି କୁହାଯାଉଛି ।

ସଫ୍ଟୱେର ଇଞ୍ଜିନିୟରଙ୍କ ଚାକିରି ବିପଦରେ !

ନୂଆଦିଲ୍ଲୀ, ନ୍ୟୁଜ୍ ବ୍ୟୁରୋ

ଏଆଇର କ୍ଷମତା ଦିନକୁ ଦିନ ବଢୁଥିବାରୁ ସଫ୍ଟୱେର ଇଞ୍ଜିନିୟର ମାନଙ୍କ ଭବିଷ୍ୟତକୁ ନେଇ ଚିନ୍ତା ବଢୁଛି । ବିଶେଷକରି ଯେଉଁ କାମଗୁଡିକ ନିର୍ଦ୍ଦିଷ୍ଟ ନିୟମ, ଆଲଗୋରିଦମ ଓ କୋଡିଂ ଉପରେ ଆଧାରିତ, ସେଗୁଡିକୁ ଏଆଇ ଆଗାମୀ ଦିନରେ ଅଧିକ ସହଜରେ କରିପାରିବ ବୋଲି ଆଶଙ୍କା ପ୍ରକାଶ ପାଉଛି । କୃତ୍ରିମ ବୁଦ୍ଧିମତା (ଏଆଇ) ଦ୍ରୁତ ବିକାଶ ଏବେ ପ୍ରଯୁକ୍ତି କ୍ଷେତ୍ରର ନିଯୁକ୍ତିକୁ ନେଇ ନୂଆ ପ୍ରଶ୍ନ ଉଠାଇଛି । ଜୋହୋର ଦହ ପ୍ରତିଷ୍ଠାତା ଶ୍ରୀଧର ବେମ୍ବୁଙ୍କ ଏକ ଚେତାବନୀ ପରେ ଏହାକୁ ନେଇ ସଫ୍ଟୱେର ଇଞ୍ଜିନିୟରଙ୍କ ଭବିଷ୍ୟତକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି । ଆଗାମୀ ଦିନରେ ଏଆଇ କେବଳ ସାଧାରଣ କୋଡ୍ ଲେଖିବାରେ ସୀମିତ ରହିବ ନାହିଁ । ବରଂ ଜଟିଳ କୋଡିଂ ଓ ଗଣିତୀୟ ସମସ୍ୟାର ସମାଧାନ ମଧ୍ୟ ଅତ୍ୟନ୍ତ ଦ୍ରୁତ ଗତିରେ କରିପାରିବ ବୋଲି ସେ କହିଛନ୍ତି । ଯେଉଁ କାମ ପାଇଁ ପୂର୍ବରୁ ଅନେକ ଘଣ୍ଟା ମାନବ ଶ୍ରମ ଆବଶ୍ୟକତା ହେଉଥିଲା ସେହି କାମ ଏଆଇ କମ୍ ସମୟରେ କରିପାରୁଛି । ଏଆଇ ଯୋଗୁ ସଫ୍ଟୱେର ଶିଳ୍ପରେ ଚାକିରି ସମ୍ପୂର୍ଣ୍ଣ ହ୍ରାସ ପାଇବ କି ନା ମାନବ କାର୍ଯ୍ୟର ରୂପ ବଦଳିବ ଏହା ଏବେ ମୁଖ୍ୟ ପ୍ରଶ୍ନ । ଗୋଟିଏ ପକ୍ଷରେ ଏଆଇ ସାଧାରଣ କୋଡିଂ, ଡବିଂ ଓ ଟେଷ୍ଟିଂ ଭଳି କାମକୁ ସ୍ୱୟଂଚାଳିତ କରିପାରେ । ଅନ୍ୟପକ୍ଷରେ ଜଟିଳ ସଫ୍ଟୱେର ଡିଜାଇନ୍, ଗ୍ରାହକଙ୍କ ଆବଶ୍ୟକତା ବୁଝିବା, ବ୍ୟବସାୟିକ ନିଷ୍ପତ୍ତି ନେବା ଓ ନୂଆ ଧାରଣା ବିକଶିତ କରିବାରେ ମାନବ ଦକ୍ଷତା ଏବେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ତେଣୁ ଆଗାମୀ ଦିନରେ ଏଆଇ ବନାମ ମଣିଷ ଠାରୁ ଅଧିକ ଏଆଇ ସହ କାମ କରିପାରୁଥିବା ମଣିଷର ଚାହିଦା ବଢିପାରେ । ସଫ୍ଟୱେର ଇଞ୍ଜିନିୟରଙ୍କ ପାଇଁ ନୂଆ ଏଆଇ ଟୁଲ୍, ଡାଟା ସିଷ୍ଟମ୍ ଡିଜାଇନ୍ ଓ ମାନବୀୟ ସମସ୍ୟା ସମାଧାନ କୌଶଳ ହାସଲ କରିବା ଆବଶ୍ୟକ ହେବ ।

କେନ୍ଦୁଝରରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ପାଇଲେ ସିଏମ୍ କିଷାନ ପଞ୍ଚମ କିସ୍ତି

କେନ୍ଦୁଝର, ନ୍ୟୁଜ୍

ସିଏମ୍-କିଷାନ ସମ୍ମାନ ନିଧି ଯୋଜନା ଅଧୀନରେ ହିତାଧିକାରୀଙ୍କୁ ପଞ୍ଚମ କିସ୍ତି ଆର୍ଥିକ ସହାୟତା ପ୍ରଦାନ ପାଇଁ କେନ୍ଦୁଝର ଅଡିଟୋରିୟମ୍ ଠାରେ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସେ ପ୍ରଥମେ ପବିତ୍ର ଶ୍ରୀ କୃଷ୍ଣ ଜନ୍ମାଷ୍ଟମୀ ଉପଲକ୍ଷେ ଉପସ୍ଥିତ ସମସ୍ତ ଚାଷୀ ଭାଇଭଉଣୀ ଓ ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ଏହି ଉପଲକ୍ଷେ ଭୁବନେଶ୍ୱର ସ୍ଥିତ ଓୟୁଏଟି କୃଷି ସେବା ସଦନ ଠାରେ ଆୟୋଜିତ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ

ମାଧ୍ୟମରେ ସାରା ରାଜ୍ୟର କୃଷକ ଭାଇଭଉଣୀମାନଙ୍କ ବ୍ୟାଙ୍କ ଖାତାକୁ ରବି ୨୦୨୬-୨୭ କୃଷି କାର୍ଯ୍ୟକ୍ରମ ପାଇଁ ସିଏମ୍-କିଷାନ ଯୋଜନାର ଏହି ୫ମ ସହାୟତା ରାଶି ପ୍ରଦାନ କରିଥିଲେ । ଚାଷୀମାନଙ୍କ କଲ୍ୟାଣ ଓ ସଶକ୍ତୀକରଣ ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଉପରେ ମୁଖ୍ୟମନ୍ତ୍ରୀ ଆଲୋକପାତ କରିବା ସହ କୃଷକ-କେନ୍ଦ୍ରିକ ଯୋଜନାର ସୁଫଳ ଯେପରି ସ୍ୱଚ୍ଛ ଏବଂ ସମୟୋପଯୋଗୀ ଭାବେ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରିବ, ସେ ନେଇ ସରକାରଙ୍କ ଦୃଢ଼ ସଂକଳ୍ପକୁ ଦୋହରାଇଥିଲେ । ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭାରପ୍ରାପ୍ତ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବିଶ୍ୱଜୟୀ ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ସମାରୋହର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ । ତତ୍ପରେ ଜିଲ୍ଲାପାଳ କେନ୍ଦୁଝର ଜିଲ୍ଲାର ୨ ଲକ୍ଷ ୭ ହଜାରରୁ ଊର୍ଦ୍ଧ୍ୱ କୃଷିଜୀବୀଙ୍କୁ ୪୧ କୋଟି ୫୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଏହି ଯୋଜନାରେ ପ୍ରଦାନ କରାଯାଉଥିବା ସୂଚନା ଦେଇଥିଲେ । ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ମମିତା ନାଏକ ଯୋଗ ଦେଇଥିଲେ । ପ୍ରଶାସନିକ ସ୍ତରରେ ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହଙ୍କ ସମେତ ଜିଲ୍ଲା ବନଖଣ୍ଡ ଅଧିକାରୀ ଧନରାଜ ହନୁମନ୍ତ ଧାମଧେରେ, ଭାରପ୍ରାପ୍ତ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବିଶ୍ୱଜୟୀ ମିଶ୍ର ଅନ୍ୟାନ୍ୟ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ବୃନ୍ଦ ଯୋଗଦେଇଥିଲେ ।

ବ୍ରାଉନ୍ ସୁଗାର ଓ ମଦ ଜବତ: ୯ କୋର୍ଟ ଚାଲାଣ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ଥାନା ଅଞ୍ଚଳରେ ଚଢ଼ଉ କରାଯାଇ ବିପୁଳ ପରିମାଣର ନିଶା ଦ୍ରବ୍ୟ ଜବତ କରାଯାଇଛି । ପଙ୍ଗାମୁଣ୍ଡାଇ ଟାଉନ୍ ଥାନା- ସାଗର ମଲ୍ଲିକ ଗ୍ରାମ- ମାଟିଆଙ୍କ ଠାରୁ ୩୪ ଗ୍ରାମ୍ ବ୍ରାଉନ୍ ସୁଗାର ଓ ଗୋଟିଏ ଦୁଇ ଚକିଆ ଯାନ ଜବତ କରାଯାଇଛି । ପଙ୍ଗାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା- ସନ୍ତୋଷ ମଲ୍ଲିକ ଗ୍ରାମ- ମାଟିଆ, ବିଦ୍ୟାଧର ନାୟକ, ଗ୍ରାମ-ଗଙ୍ଗାରାମପୁର, ନକୁଳ ଜେନା, ଗ୍ରାମ- ଗୁଣ୍ଡୁପୁର, ସମୀର ସେଠୀ, ଗ୍ରାମ- ନିଗିନପୁର ଏବଂ ମନୋରଞ୍ଜନ ମଲ୍ଲିକ, ଗ୍ରାମ-ବଡମୋହନପୁରଙ୍କ ଠାରୁ ମୋଟ୍ ୪୦ ଲିଟର ବିଦେଶୀ ମଦ ଜବତ କରାଯାଇଛି । ନିକିରେଇ ଥାନା- ପ୍ରଫୁଲ୍ଲ ପାତ୍ର, ଗ୍ରାମ-ତନାରଙ୍କ ଠାରୁ ୨୦ ଲିଟର ବିଦେଶୀ ମଦ ଓ ଗୋଟିଏ ଦୁଇ ଚକିଆ ଯାନ ଜବତ କରାଯାଇଛି । ମାର୍ଶାଘାଇ ଥାନା- ଟୀକା ଗୋବିନ୍ଦ ଚନ୍ଦ୍ର ଖିଲାରଙ୍କ ଠାରୁ ୨୦ ଲିଟର ଓ ଝରଣା ରାଉତ, ଗ୍ରାମ-ପ୍ରବକର୍ପୁରଙ୍କ ଠାରୁ ୧୮ ଲିଟର ରନ୍ଧା ମଦ ଜବତ କରାଯାଇଛି । ଏହି ମାମଲାରେ ସମସ୍ତ ୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ଉରେ ଅବକାରୀ ଉପ-ନିରୀକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ, ଦୀପକ କୁମାର ଜେନା, ରଞ୍ଜନ କୁଆଁର ପାତ୍ର ଏବଂ ଅବକାରୀ ନିରୀକ୍ଷକ ସନ୍ଧ୍ୟାରାଣୀ ଦାସଙ୍କ ସମେତ ବିଭାଗର ଅନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ ।

ଗାଇସିଲେଟରେ ନୂତନ ଥାନାଧିକାରୀ

ଆଞ୍ଚଳିକ ଶୃଙ୍ଖଳା ଓ ଅପରାଧ ନିୟନ୍ତ୍ରଣ ନେଇ ପ୍ରାଥମିକତା

ବରଗଡ଼, ନ୍ୟୁଜ୍ ବ୍ୟୁରୋ

ବରଗଡ଼ ଜିଲ୍ଲା ଅନ୍ତର୍ଗତ ଗାଇସିଲେଟ ଥାନାର ନୂତନ ଥାନାଧିକାରୀ (ଆଇଆଇସି) ଭାବେ ସୁଶିଲ କୁମାର ନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି । ଶ୍ରୀ ନାୟକ ଗାଇସିଲେଟ ଥାନାରେ ପହଞ୍ଚିବା ପରେ ଥାନାରେ କାର୍ଯ୍ୟରତ ସମସ୍ତ ପୋଲିସ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇବା ସହ ନୂତନ ଦାୟିତ୍ୱ ପାଇଁ ଶୁଭେଚ୍ଛା ଜଣାଇଥିଲେ । ଥାନାରେ ପହଞ୍ଚିବା ପରେ ଶ୍ରୀ ନାୟକ ପ୍ରଥମେ ଥାନାର ଅଫିସ ଗୃହରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ । ଈଶ୍ୱରଙ୍କ ଆଶୀର୍ବାଦ ଲୋଡ଼ିବା ପରେ ସେ ଗାଇସିଲେଟ ଥାନାର ଥାନାଧିକାରୀ ଭାବେ ଔପଚାରିକ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ । ଏହି ଅବସରରେ ଥାନାର କାର୍ଯ୍ୟପ୍ରଣାଳୀ, ଅପରାଧ ନିୟନ୍ତ୍ରଣ, ଆଇନଶୃଙ୍ଖଳା ପରିସ୍ଥିତି ଓ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ସେ କର୍ମଚାରୀମାନଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି । ଶ୍ରୀ

ନାୟକଙ୍କର ପୋଲିସ ବିଭାଗରେ ଦୀର୍ଘ ଅଭିଜ୍ଞତା ରହିଛି । ଗାଇସିଲେଟ ଥାନାରେ ଯୋଗଦାନ ପୂର୍ବରୁ ସେ ପ୍ରାୟ ୫ ବର୍ଷ ଧରି ପାଣିକୋଇଲି, ବଡ଼ଚଣା, ନେମାଳ, କାନପୁର, କଟକ ଗ୍ରାମାଞ୍ଚଳ, ବିଭିନ୍ନ ଥାନାରେ ଥାନାଧିକାରୀ ଭାବେ ଦାୟିତ୍ୱ ତୁଲାଇଛନ୍ତି । ବିଭିନ୍ନ ସ୍ଥାନରେ ଥାନାଧିକାରୀ ଭାବେ କାର୍ଯ୍ୟ କରିବା ସମୟରେ ଆଇନ୍‌ଶୃଙ୍ଖଳା ରକ୍ଷା, ଅପରାଧ ନିୟନ୍ତ୍ରଣ ଓ ଜନସାଧାରଣଙ୍କ ସହ ପୋଲିସର ସମନ୍ୱୟ କ୍ଷେତ୍ରରେ ସେ ଅଭିଜ୍ଞତା ହାସଲ କରିଛନ୍ତି । ଗାଇସିଲେଟ ଥାନା ଅଧୀନରେ ଏକ ବିସ୍ତୃତ ଅଞ୍ଚଳ ରହିଥିବାରୁ ଏଠାରେ ଆଇନ୍ ଶୃଙ୍ଖଳା ରକ୍ଷା ଓ ଅପରାଧ ନିୟନ୍ତ୍ରଣ ପୋଲିସ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ । ନୂତନ ଥାନାଧିକାରୀଙ୍କ ସମ୍ମୁଖରେ ମଧ୍ୟ ଏହି ଦାୟିତ୍ୱ ଏକ ବଡ଼ ଆହ୍ୱାନ ହୋଇଥିବା ବେଳେ ତାଙ୍କ ଦୀର୍ଘ ଅଭିଜ୍ଞତା ଗାଇସିଲେଟ ଅଞ୍ଚଳରେ ପୋଲିସ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବ ବୋଲି ସାଧାରଣରେ ଆଶା ପ୍ରକାଶ ପାଇଛି । ଦାୟିତ୍ୱ ଗ୍ରହଣ ପରେ ଥାନାଧିକାରୀ କହିଛନ୍ତି ଯେ, ଗାଇସିଲେଟ ଅଞ୍ଚଳରେ ଶାନ୍ତି ଓ ଆଇନ୍ ଶୃଙ୍ଖଳା ବଜାୟ ରଖିବା ତାଙ୍କର ପ୍ରମୁଖ ଦାୟିତ୍ୱ ରହିବ । ଏଥିସହ ଅପରାଧ ନିୟନ୍ତ୍ରଣ, ଅସାମାଜିକ କାର୍ଯ୍ୟକଳାପ ଉପରେ ନଜର, ନିଶା କାରବାର ଓ ଅନ୍ୟାନ୍ୟ ବେଆଇନ୍ କାର୍ଯ୍ୟକଳାପକୁ ରୋକିବା ସହ ନାଗରିକଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ । ଲୋକଙ୍କ ସମସ୍ୟା ଓ ଅଭିଯୋଗକୁ ଗୁରୁତ୍ୱର ସହ ଶୁଣି ଆଇନ୍ ଅନୁଯାୟୀ ନ୍ୟାୟ ପ୍ରଦାନ କରିବା ଦିଗରେ ପୋଲିସ ପ୍ରଶାସନ କାର୍ଯ୍ୟ କରିବ ବୋଲି ସେ ପ୍ରକାଶ କରିଛନ୍ତି ।

୯୫ କେଜି ଗଞ୍ଜେଇ ଜବତ: ଜଣେ ଗିରଫ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ବ୍ଲକ୍ ପୋଡମ ଜଙ୍ଗଲରୁ ୯୦ କେଜି ଗଞ୍ଜେଇ ଜବତ କରିଛି ବୌଦ୍ଧ ଅବକାରୀ । ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଓ ଅବକାରୀ ଅଧୀକ୍ଷକ ଶାନ୍ତି ମାରାଣ୍ଡିଙ୍କ ନିର୍ଦ୍ଦେଶକ୍ରମେ ଡିମିରି ଖୋଲ ଅଞ୍ଚଳରେ ଇନ୍ସପେକ୍ଟର ଦିଲ୍ଲୀପ କୁମାର ଶତପଥୀଙ୍କ ନେତୃତ୍ୱରେ ପାଟ୍ରୋଲିଂ ଚାଲିଥିବା ବେଳେ ପୋଡମ୍ ଜଙ୍ଗଲରେ ଦୁଇ ବସ୍ତା ଗଞ୍ଜେଇ ଲୁଚା ଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଚଢଉ କରାଯାଇଥିଲା । ଗଞ୍ଜେଇକୁ ଓଜନ କରାଯିବାରୁ ତାହା ୯୦ କେଜି ହୋଇଥିଲା । ଏନେଇ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ କରି ଜବତ ଗଞ୍ଜେଇକୁ କୋର୍ଟରେ ପ୍ରଦର୍ଶନ କରାଯାଇଥିଲା । ଚଢଉ ସମୟରେ ସବ୍ ଇନ୍ସପେକ୍ଟର ସତ୍ୟନାରାୟଣ ପ୍ରଧାନ, କନେଷ୍ଟବଲ ନିରଞ୍ଜନ ମଲ୍ଲିକ, କୈଳାଶ ଚନ୍ଦ୍ର ସାହୁ, ଲୋକନାଥ ଭୋଇ ସାମିଲ୍ ଥିଲେ । ସେହିପରି ବୌଦ୍ଧ ଥାନା ଆୟଝରୀ ନିକଟରୁ ବାଇକ୍ ସହ ୫ କେଜି ଗଞ୍ଜେଇ ଜବତ ମାମଲାର ଜଣେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି ବୌଦ୍ଧ ଅବକାରୀ ଥାନା । ମିଳିଥିବା ସୂଚନା ଅନୁଯାୟୀ ସକାଳେ ବଗିଆପଡା-ଗୁନ୍ଦୁଳିଆ ରାସ୍ତାରେ ପାଟ୍ରୋଲିଂ ଚାଲିଥିବା ସମୟରେ ଆୟଝରୀ ନିକଟରେ ଏକ ବାଇକ୍‌କୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ୫ କେଜି ଗଞ୍ଜେଇ ବାହାରିଥିଲା । ବାଇକ୍ ଓ ଗଞ୍ଜେଇ ସହ ଘଟଣାସ୍ଥଳରୁ ବାରଡୋଲ ଗ୍ରାମର ପ୍ରଶାନ୍ତ ବେହେରା ନାମକ ୩୨ ବର୍ଷୀୟ ଯୁବକଙ୍କୁ ଗିରଫ କରାଯାଇଥିଲା । ଏ ସମ୍ପର୍କରେ ବୌଦ୍ଧ ଅବକାରୀ ଥାନାରେ ପି ଆର୍ ନଂ ୬୬/୨୦୨୬-୨୭ରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଭାରପ୍ରାପ୍ତ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି ।

////////// ଆକ୍ସନ୍ ମୋଡ଼ରେ କମିଶନରେଟ୍ ପୋଲିସ //////////

ପାର୍ବଣ ପୂର୍ବରୁ ପଞ୍ଜୀକୃତ ହୋଇନଥିବା ସାଉଣ୍ଡ ସିଷ୍ଟମ୍‌ର ହେବ ଯାଞ୍ଚ

କଟକ, ନ୍ୟୁଜ୍ ବ୍ୟୁରୋ

ପାର୍ବଣର ବିଭିନ୍ନ ପୂଜାରେ ସାମିଲ ହେବାକୁ ଥିବା ଜିଲ୍ଲା ବାହାରର ମ୍ୟୁଜିକାଲ୍ ବ୍ୟାଣ୍ଡ ଓ ସାଉଣ୍ଡ ସିଷ୍ଟମ୍ ଗୁଡ଼ିକ ଶବ୍ଦ ପ୍ରଦୂଷଣ କଟକଣା ମାନୁନାହାନ୍ତି । ସାଉଣ୍ଡ ଲିମିଟର ଲଗାଇବାର ନି

ସମ୍ବାଦକାଳିକା

32 YEARS

ସମ୍ବାଦ କାଳିକା

ସେଭରେନ୍ସ ପ୍ୟାକେଜ ଉପରେ ଲାଗିବ କି ଟିକସ

ଭାରତରେ PayPal, Oracle ଓ Volkswagen ଭଳି ବଡ଼ ବଡ଼ କମ୍ପାନୀ ଗୁଡ଼ିକରେ ଛଟେଇ ଖବର ମଧ୍ୟରେ କର୍ମଚାରୀଙ୍କୁ ମିଳୁଥିବା ସେଭରେନ୍ସ ପ୍ୟାକେଜ ଅର୍ଥାତ୍ ଚାକିରି ହରାଇବା ପରେ ମିଳୁଥିବା କ୍ଷତିପୂରଣ ଉପରେ ମଧ୍ୟ ଆଲୋଚନା ଜୋର ଧରିଛି । PayPal ଭାରତରେ ପ୍ରାୟ ୨୨୦ଟି ଚାକିରିରେ ହ୍ରାସ କରିଛି, ଅନ୍ୟପଟେ ଓରାକଲରେ ପ୍ରାୟ ୩୦୦୦ କର୍ମଚାରୀଙ୍କ ଯାଏ ଛଟେଇର ପ୍ରଭାବ ପଡ଼ିବାର ରିପୋର୍ଟ ଅଛି । Volkswagen ଗ୍ରୁପର ଭାରତୀୟ ୟୁନିଟ୍ ମଧ୍ୟ ନିଜର କର୍ମଚାରୀଙ୍କ ସଂଖ୍ୟାରେ ପ୍ରାୟ ୧୨ ପ୍ରତିଶତ ହ୍ରାସ କରିବାକୁ ଯୋଜନା କରୁଛି । ଏମିତି ସମୟରେ ସେଭରେନ୍ସ ପେ ଚାକିରି ଯିବା ପରେ କିଛି ସମୟ ପାଇଁ ଆର୍ଥିକ ସାହାଯ୍ୟ ନିଶ୍ଚୟ ଦେଇଥାଏ , କିନ୍ତୁ ଏହି ରାଶି ଉପରେ ଟ୍ୟାକ୍ସର ନିୟମ ବୁଝିବା ମଧ୍ୟ ଖୁବ୍ ଜରୁରୀ । ଭାରତରେ ସାଧାରଣତଃ ଚାକିରି ଶେଷ ହେବା କିମ୍ବା ନିଯୁକ୍ତି ସର୍ତ୍ତାବଳୀରେ ପରିବର୍ତ୍ତନ ଯୋଗୁଁ ନିଯୁକ୍ତିଦାତାଙ୍କ ଠାରୁ ମିଳୁଥିବା କ୍ଷତିପୂରଣକୁ Profits in lieu of salary (ଦରମା ବଦଳରେ ମିଳିଥିବା ଲାଭ) ଭାବେ ଗ୍ରହଣ କରାଯାଏ । ଏହି ରାଶି କର୍ମଚାରୀଙ୍କ ଆୟକର ସ୍ଲାବ୍ ରେଟ୍ (Income Tax Slab Rate) ଅନୁସାରେ 'ସାଲାରୀ ହେଡ୍' ଅଧୀନରେ ଟିକସ ଯୋଗ୍ୟ ହୋଇ ଥାଏ । ତେବେ ସବୁ ପ୍ରକାର ସେଭେରାନ୍ସ ପେମେଣ୍ଟ ଉପରେ ସମାନ ନିୟମ ଲାଗୁ ହୁଏ ନାହିଁ । ହେଲେ କିଛି ପରିସ୍ଥିତିରେ ଆଇନ ଅନୁସାରେ ମୁକ୍ତି ବି ମିଳିପାରେ । ଉଦାହରଣ ଭାବେ ଲାଗୁ ଶ୍ରମ ଆଇନ ଅଧୀନରେ ଯୋଗ୍ୟ କର୍ମଚାରୀଙ୍କୁ ମିଳୁଥିବା ଛଟେଇ କ୍ଷତିପୂରଣ (Retrenchment Compensation) ନିର୍ଦ୍ଦିଷ୍ଟ ସର୍ତ୍ତାବଳୀ ସହ ଆୟକର ଆଇନର ସେକସନ୍ ୧୦ (୧୦ ବି) ଅଧୀନରେ ଟିକସମୁକ୍ତ ହୋଇ ପାରିବ । ଏହା ବ୍ୟତୀତ ଭଲୁଣ୍ଟାରୀ ରିଟାୟରମେଣ୍ଟ ସ୍କିମ୍ (VRS) ଯୋଜନା ଅଧୀନରେ ମିଳୁଥିବା ଟଙ୍କା ଉପରେ ସେକସନ୍ ୧୦(୧୦ ସି) ଅଧୀନରେ ସର୍ବାଧିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଟିକସ ଛାଡ଼ ସୁବିଧା ରହିଛି । ଯେଉଁ କ୍ଷତିପୂରଣ ସାଲାରୀ ହେଡରେ ଆସେ ନାହିଁ, ତାହା ପରିସ୍ଥିତି ଅନୁସାରେ "Income from Other Sources' ଅଧୀନରେ ଟିକସଯୋଗ୍ୟ ହୋଇଥାଏ । ITR ଫାଇଲ୍ କରିବା ସମୟରେ ସେଭରେନ୍ସ ପେମେଣ୍ଟକୁ ସଠିକ୍ ଉପାୟରେ ରିପୋର୍ଟ କରିବା ମଧ୍ୟ ଜରୁରୀ । ଟ୍ୟାକ୍ସ ଏକ୍ସପର୍ଟଙ୍କ ମୁତାବକ, କର୍ମଚାରୀଙ୍କୁ ସର୍ବ ପ୍ରଥମେ କମ୍ପାନୀରୁ ମୋଟ ଓ ଫାଇନାଲ ସେଟଲମେଣ୍ଟ ଷ୍ଟେଟମେଣ୍ଟ ଓ ଫର୍ମ-୧୬ ନେବା ଉଚିତ୍ ଏବଂ ଦେଖିବା ଉଚିତ୍ ଯେ, କମ୍ପାନୀ ସେଭରେନ୍ସ ପେମେଣ୍ଟକୁ କେଉଁ ପ୍ରକାରରେ କ୍ୟାଟେଗରାଇଜ୍ କରିଛି , ଯେଉଁ ପାର୍ଟ ଟ୍ୟାକ୍ସ ଯୋଗ୍ୟ , ଏହାକୁ ସାଧାରଣତଃ ଆୟକର ରିଟର୍ଣ୍ଣ (ITR)ରେ ଇନକମ ଫ୍ରମ୍ ସାଲାରୀ ଅନୁସାରେ ଦେଖାଇବାକୁ ହୁଏ । ଫୁଲ୍ ଏଣ୍ଡ ଫାଇନାଲ୍ ସେଟଲମେଣ୍ଟରେ ସେଭେରାନ୍ସ ବ୍ୟତୀତ ଗ୍ରାଚ୍ୟୁଟି (gratuite) ଏବଂ ସାଲାରୀ ଏରିଅର୍ସ (Salary Arrears) ମଧ୍ୟ ସାମିଲ ଥାଏ । ଗ୍ରାଚ୍ୟୁଟି ଉପରେ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ଟିକସ ଛାଡ଼ ମିଳୁଥିବା ବେଳେ ସାଲାରୀ ଏରିଅର୍ସ ପାଇଁ ସେକ୍ସନ୍ ୮୯ ଅଧୀନରେ ଆଶ୍ୱାସନା (Relief) ଦାବି କରାଯାଇ ପାରିବ । ଟର୍ମିନେସନ୍ ଲେଟର, ନିଯୁକ୍ତି ଚୁକ୍ତିପତ୍ର, ସେଟଲମେଣ୍ଟ ଷ୍ଟେଟମେଣ୍ଟ, ସେବା ଅବଧି ପ୍ରମାଣପତ୍ର, TDS ଏବଂ ସେକ୍ସନ୍ ୮୯ ରିଲିଫ୍ ପାଇଁ ଫର୍ମ ୧୦E ଭଳି କାଗଜପତ୍ର ସୁରକ ରଖିବା ଜରୁରୀ ।

ନିଶାପ

(ନିରପେକ୍ଷ ଶାସନ ପଦ୍ଧତି)

ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

ରାସ୍ତା

ରାସ୍ତା ଖୋଜୁ ଖୋଜୁ ମୁଁ ହଜିଗଲି ସରଳ ରାସ୍ତାରେ ସରଳ ମାର୍ଗରେ , ସେ ସରଳ ରାସ୍ତାର ଅର୍ଥ ହେଉଛି ବାରାଙ୍ଗୁଲୁ ବାଇର ପଥ, କିନ୍ତୁ ତୁମେମାନେ ମୋତେ ବାହ୍ୟ ଉପରେ ଖୋଜିଲେ ପାଇବ କେମିତି । ହେ ଭକ୍ତ, ତୁମେ ସରଳ ହୋଇଯାଅ । ବାହ୍ୟାଡମ୍ବରୁ ନିଜକୁ ମୁକ୍ତ କର । କାରଣ ବାହ୍ୟାଡମ୍ବର ବନ୍ଧନର କାରଣ, ମୁକ୍ତିର ମାର୍ଗ ନୁହେଁ । ସେତ ସଚ୍ଚତାନର ମାର୍ଗ, ସଚ୍ଚତାନର ମାର୍ଗ ନୁହେଁ । ମୋତେ ଖୋଜିଲେ ସେଠାରେ ପାଇବ କେମିତି । ମୁଁ ତ ସେଇ ପରମଧନର ବିଭୂତି ମୁଁ ତ ସେଇ ପରମାତ୍ମାର ସମ୍ପତି । ମୁଁ ସେଇ ସମ୍ପତିର ଚାଷୀ । ମୁଁ ସେଠାରେ ଚାଷ କରୁଛି । ମୋତେ ଖୋଜିବା ବୁଝିବା ଏତେ ସହଜ ନୁହେଁ । ମାଟି ଘଟରେ ରହି ମୁଁ ମୋ ମାକୁ ତ ଭୂଲି ପାରିବିନାହିଁ । ଗୁରୁଙ୍କୁ ତ ଭୂଲିପାରିବି ନାହିଁ । ଇଶ୍ୱରଙ୍କୁ ତ ଭୂଲି ପାରିବି ନାହିଁ । ତେଣୁ କାହାକଥାରେ ମୋତେ କଣ ମିଳୁଛି । ମୁଁ ତ ରାସ୍ତା ଭୂଲି ପାରିବି ନାହିଁ କି ପଛକୁ ଫେରି ପାରିବି ନାହିଁ । ମୁଁ ମୁକ୍ତିର ପଥ ପାଇ ଯୁକ୍ତର ବଶରେ କାହିଁକି ପଶିବି । ଇଶ୍ୱରଯୁକ୍ତ ପ୍ରାପ୍ତି ପାଇଁ ବ୍ୟାକୁଳ ହେବା ହେଉଛି ଅଧପତନର କାରଣ । ତେଣୁ ହେ ଭକ୍ତ ପଥ ଭୂଲନାହିଁ । ଯେତେ କଷ୍ଟ କଷ୍ଟପଡୁ । ଯୀଶୁଖ୍ରୀଷ୍ଟଙ୍କୁ ଲୁହାର କଣ୍ଟା ବାଡେଇ ମାରିଲେ । ସେ କଣ ଅଭିଶାପ ଦେଲେ । କିନ୍ତୁ ତୁମେ ସହସ୍ର ସହସ୍ର ବାକ୍ୟରେ ତୀକ୍ଷ୍ଣଛୁରୀକା ଆଘାତ କଲେ ମୋର କିଛି କ୍ଷତି ହେବନାହିଁ । ସବୁବେଳେ ମୁଁ ହସୁଛି ଏବଂ ହସୁଥିବି କାହିଁକି ନା ତୁମମାନଙ୍କର ଅଜ୍ଞାନତା ହେତୁ ଆଉ ଯେତେବେଳେ ତୁମର ଜ୍ଞାନ ଚକ୍ଷୁ ଫିଟିଯିବ ତୁମେ ଦେଖିବ ସେତେବେଳେ ଭାବିବ ଆମେ କଣ କରୁଥିଲୁ । ସେତେବେଳ ପର୍ଯ୍ୟନ୍ତ ବି ତୁମମାନଙ୍କ ପାଇଁ କ୍ଷମାର ଦ୍ୱାରା ଖୋଲା ରହିଥିବ ଏଥିରେ ତିଳେ ହେଲେ ସନ୍ଦେହ ନାହିଁ । ଏବେବି ସମୟ ଅଛି, ତୁମେ ଯାହା ଭାବୁଛ ତାହା ଏକ ମାୟାର ଆବରଣ ତା ଭିତରୁ ବାହାରି ଆସି ନିଜକୁ ଚିହ୍ନ, ତୁମର ଅନ୍ତର ଆତ୍ମାକୁ ଦେଖ, ତୁମେ କିଏ ? ନଦୀ ଯେତେ ବଢିଲେ ବି ସିନ୍ଧୁର ଏକ ବିନ୍ଦୁ । ଏହାହିଁ ସତ୍ୟ ଅସତ୍ୟକୁ ଉପଲବ୍ଧ କରି, ସତ୍ୟକୁ ମାଳା କରି ଅସତ୍ୟର ସନ୍ଧାନୀ ହୁଅ ନାହିଁ । କୁଚକ୍ରୀ ଠାରୁ ଦୂରେଇ ରୁହ । ମିଠା କଥାରେ ପୁତନାର ବିଷ ରହିଲା ପରି ସେ କଥା ଶୁଣନାହିଁ । କାରଣ ତୁମ ଶରୀର ବିଷାକ୍ତ ହୋଇଯିବ ତେଣୁ କଥାରେ ଅଛି-

ବୁଝୁ ନ ବୁଝ ପଢ ଗୀତା
ରୁଚୁ ନ ରୁଚୁ ଖାଅ

ବିଷ୍ଣୁ ପ୍ରସାଦ ଦାସ
ଝାଞ୍ଜିରୀ ମଙ୍ଗଳା ,
କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭

ସଡ଼କରେ ଜୀବନ କେତେ ସୁରକ୍ଷିତ

ସଡ଼କ କେବଳ ଯାତାୟାତର ମାଧ୍ୟମ ନୁହେଁ; ଏହା ଆମ ଜୀବନର ଗତିପଥ । ପ୍ରତିଦିନ ଲକ୍ଷ ଲକ୍ଷ ଲୋକ ଏହି ସଡ଼କ ଦେଇ ନିଜ ଘରୁ ବାହାରି ଜୀବିକା, ଶିକ୍ଷା, ବ୍ୟବସାୟ ଏବଂ ଅନ୍ୟାନ୍ୟ ଆବଶ୍ୟକତା ପାଇଁ ଯାତାୟାତ କରନ୍ତି । ସମସ୍ତଙ୍କର ଗୋଟିଏ ଆଶା...କାମ ସାରି ନିରାପଦରେ ଘରକୁ ଫେରିବା । କିନ୍ତୁ ଦୁଃଖର କଥା, ଆଜି ସେହି ସଡ଼କ ଅନେକ ପରିବାର ପାଇଁ ଆନନ୍ଦର ନୁହେଁ, ଅଶ୍ରୁର କାରଣ ପାଲଟିଛି । ଚଳିତ ବର୍ଷ ଜାନୁଆରୀ ୧୧ ରୁ ୧୭ ତାରିଖ ପର୍ଯ୍ୟନ୍ତ ସଡକ ସୁରକ୍ଷା ସପ୍ତାହ ପାଳନ କରା ଯାଇଥିଲା । ସରକାରୀ ସ୍ତରରେ ଉକ୍ତ ବିଷୟକୁ ନେଇ ଅନେକ ଶିକ୍ଷଣୀୟ କାର୍ଯ୍ୟକ୍ରମ ସହିତ ଜନସଚେତନତା ଉପରେ ଗୁରୁତ୍ୱ ଦିଆ ଯାଇଥିଲା । କିନ୍ତୁ ପରିତାପର ବିଷୟ ଏହିକି ଯେ, ସରକାରୀ ତହବିଲରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଯେଉଁ କାର୍ଯ୍ୟକ୍ରମ ହୁଏ ତା'ର ସୁଫଳ ଜନତାଙ୍କୁ କେତେ ମିଳେ ? ତାହା ଦେଖିବାକୁ କେହି ପଛକୁ ଫେରି ଚାହାନ୍ତି ନାହିଁ କିମ୍ବା ଆଗକୁ ସେ ବିଷୟରେ ଅଧିକ ଧ୍ୟାନ ଦେବାକୁ ମଧ୍ୟ ଆଗ୍ରହୀ ହୋଇ ନଥାନ୍ତି । ଆପଣମାନେ କୁହନ୍ତୁ ତ ଗୋଟିଏ ସପ୍ତାହ ଶିକ୍ଷା/ସଚେତନତା ଏବଂ ତା' ପରେ ବର୍ଷର ବାକି ୫୧ ସପ୍ତାହ କୁମ୍ଭକର୍ଣ୍ଣ ନିଦ୍ରା କ'ଣ ସମସ୍ୟା ସମାଧାନ କରିବାକୁ ସକ୍ଷମ ହେବ କି ?

ସଡକ ଦୁର୍ଘଟଣା ଜନିତ ଅପ ମୃତ୍ୟୁକୁ ଯଦି ତର୍ଜମା କରିବା ତେବେ ୨୦୧୮ ମସିହାରେ ୧୫୭ ୫୯୩ ଜଣ ୨୦୧୯ ରେ ୧୫୮୯୮୪ ଜଣ ୨୦୨୦ ରେ ୧୩୮୩୮୩ ଜଣ ୨୦୨୧ ରେ ୧୫୩୯୭୨ ଜଣ ୨୦୨୨ ରେ ୧୬୮୪୯୧ ଜଣ ୨୦୨୩ ରେ ୧୭୨୦୦୦ ଜଣ ୨୦୨୪ ରେ ୧୭୭୧୭୫ ଜଣ ୨୦୨୫ ରେ ୧୮୩୪୩୪ ଜଣ ୨୦୨୬ ରେ (ଜୁଲାଇ ପର୍ଯ୍ୟନ୍ତ) ୧୦୧୩୯ ଜଣଙ୍କ ପ୍ରାଣହାନୀ ଘଟିଛି । ଏହା କ'ଣ ଏକ ଉଦବେଗଜନକ ବିଷୟ ନୁହେଁକି ? ଦେଶର ମାନବ ସମ୍ବଳ କ୍ଷତି ହେଲା ନାହିଁକି ? ଏଥିପାଇଁ ଆମେ କାହାକୁ ଦାୟୀ କରିବା ? ନିଜ ଭାଗ୍ୟକୁ ନା ବେପରୁଆ ଗାଡି ଚାଳନାକୁ ନା ସରକାରଙ୍କ ଉଦାସୀନତାକୁ ? ପ୍ରତ୍ୟେକ ନାଗରିକଙ୍କ ଜୀବନରକ୍ଷା ସରକାରଙ୍କ ଦାୟିତ୍ୱ । ଏହି ଦାୟିତ୍ୱ ନିର୍ବାହ କରୁଥିବା ବିଭାଗ ତଥା କର୍ମଚାରୀ/ଅଧିକାରୀ ମାନେ ଅବଶ୍ୟ ପରୋକ୍ଷରେ ଉତ୍ତରଦାୟୀ ରହିବେ ।

ତେବେ କଥା ଉଠୁଛି ଏହି ଦୁଃଖଦ ସଡକ ଦୁର୍ଘଟଣା ପଛର କାରଣ କ'ଣ ହୋଇପାରେ ? ଦୁର୍ଘଟଣାକୁ ଯଦି ତୃଣମୂଳ ସ୍ତରରୁ ନିରୀକ୍ଷଣ କରିବା ତେବେ ଆମକୁ ହୁଏତ ଭବିଷ୍ୟତ ପାଇଁ କିଛି ଶିକ୍ଷା ମିଳିବ । ସଡକ ଦୁର୍ଘଟଣା...ସାଧାରଣତଃ ଯାନ୍ତ୍ରିକ ତ୍ରୁଟି ଜନିତ ଯଦି ୧୦ ପ୍ରତିଶତ ହୋଇ ଥାଏ, ୮୦ ପ୍ରତିଶତ ମାନବ ତ୍ରୁଟି ଜନିତ ଏବଂ ବାକି ୧୦ ପ୍ରତିଶତ ରାସ୍ତାର ଦୁରାବସ୍ଥା ତଥା ସଂକେତ ଅଭାବରୁ ହୋଇଥାଏ । ସମୟ ସମୟରେ ଯାନ୍ତ୍ରିକ ତ୍ରୁଟି ଜନିତ ସଡକ ଦୁର୍ଘଟଣାକୁ ଏଡ଼ାଇବାକୁ ହେଲେ ପ୍ରତ୍ୟେକ ଗାଡି ଗୁଡିକୁ ନିୟମିତ ଯାଞ୍ଚ କରି ରାସ୍ତାରେ ଚଳାଚଳ କରିବାକୁ ଗାଡି ମାଲିକ ମାନେ ଯତ୍ନବାନ ହେବା ଉଚିତ । ମନୁଷ୍ୟକୃତ ଦୁର୍ଘଟଣା ଗୁଡିକ ଆମ ଦେଶରେ ବର୍ତ୍ତମାନ ସାଙ୍ଘାତିକ ରୂପ ନେଇ ସାରିଛି । ଏହାକୁ ଅକ୍ତିଆରକୁ ଆଣିବା ଏତେ ସହଜ କଥା ନୁହେଁ । ଏଥିପାଇଁ ଜନସାଧାରଣ ତଥା ପ୍ରଶାସନ ଉଭୟ ଶତପ୍ରତିଶତ ଦାୟୀ । ଏହି ପରିପ୍ରେକ୍ଷୀରେ ଯଦି ଉଭୟେ ପରସ୍ପରକୁ ସହଯୋଗ କରିବେ ତେବେ ହୁଏତ ୬୦/୭୦ ପ୍ରତିଶତ ଦୁର୍ଘଟଣାକୁ ନିୟନ୍ତ୍ରିତ କରିବା ସମ୍ଭବ ହେବ । କିନ୍ତୁ ମୋ ମତରେ ଏହା ହୁଏତ 'ଆକାଶ କଇଁଆ ଆଉ ଚିଲିକା ମାଛ' ପରି କଥା ହେବ । ଏଠାରେ ସମସ୍ତେ କାନ୍ଦନ୍ତି, ଖବର କାଗଜ/ଟିଭିରେ ସାଗର ଗର୍ଭକ ଭାଷଣ ଦିଅନ୍ତି ନିଜ ପତିଆରା ଦେଖାନ୍ତି, ବିଜ୍ଞାପିତ ହୁଅନ୍ତି ଖାଇ ପିଇ ଘରକୁ ଯା'ନ୍ତି, ଏହା ଆମର ମାନସିକତା ।

ପରିବହନ ଏବଂ ପୋଲିସ ପଦାଧିକାରୀ ମାନେ ଗାଡି ଚାଳନା ଜନିତ ନିୟମକୁ କଡାକଡ଼ି ଭାବେ ତଦାରଖ କରିବା ସହିତ ଅମାନିଆଙ୍କୁ ଦୃଢ଼ ହସ୍ତରେ ଦମନ କରିବାକୁ ଚେଷ୍ଟିତ ହେବା ଉଚିତ୍ । ଅଭିଭାବକ ମାନେ ନିଜେ ସତର୍କ ହେବା ସହିତ ନିଜ ପିଲାଙ୍କୁ ଦେଉଥିବା ବାଇକ୍ ବା କାର୍ ସେମାନେ ଚଳାଇବା ପାଇଁ ନିୟମ ଅନୁସାରେ ଉପଯୁକ୍ତ କି ନୁହେଁ ପ୍ରଥମେ ଦେଖନ୍ତୁ । ପିଲାଙ୍କ ଅଭିଳାଷ ପୂରଣ କରିବାକୁ ଯାଇ ଭବିଷ୍ୟତରେ ଦୁଃଖକୁ ଆମନ୍ତ୍ରଣ କରିବା ଆଦୌ ଉଚିତ୍ ନୁହେଁ। ଗାଡି ଚଳାଇବା ବେଳେ ହେଲମେଟ୍ ଓ ସିଟବେଲ୍ଟ ଆମ ପାଇଁ ନିତ୍ୟାନ୍ତ ଜରୁରୀ, ଏହା ନିଜେ ଅନୁଭବ କରିବା ଉଚିତ୍ । ଯୁବପିଢ଼ି ମାନେ ନିୟମ ମାନି ଗାଡି ଚଳାନ୍ତୁ, ନିର୍ଦ୍ଧାରିତ ବେଗରେ ଗାଡି ଚଳାଇବା ସହିତ ଗାଡିର ନମ୍ବର ପ୍ରାଞ୍ଜଳ ଭାବେ ଲେଖନ୍ତୁ । ବର୍ତ୍ତମାନ ଦେଖିବାକୁ ମିଳୁଛି ଅନେକ ଗାଡି, ବାଇକ୍ ନିଜର ଗାଡ଼ିରେ ନମ୍ବର ଲେଖୁ ନାହାନ୍ତି ଆଉ ଯଦି ଲେଖୁଛନ୍ତି ତ' ଏମିତି ଚିତ୍ର ବିଚିତ୍ର କରି ଲେଖୁଛନ୍ତି ଯାହା ପଢିବା ମୁସ୍କିଲ । ଅନେକ ବ୍ୟବସାୟିକ ଯାନ ଜାଣିଶୁଣି ଗାଡିର ପଛପଟେ ଥିବା ନମ୍ବର ପ୍ଲେଟକୁ ଚାଲାଖି କରି ଘୋଡାଇ ଦେଇଥାନ୍ତି ବା ବିଭ୍ରାନ୍ତ କରିବାକୁ ଚେଷ୍ଟା କରିଥା'ନ୍ତି ଯାହାକି ଏକ ଅପରାଧ ବୋଲି ବିବେଚନା କରା ଯାଇପାରେ । ଶତାଧିକ ଅନ୍ତରାଜ୍ୟ ଟ୍ରକ, ଓଡ଼ିଶାର କୋଇଲା ବୋଝେଇ ଟ୍ରକ, ବାଲି ଟ୍ରକ, ଡମ୍ପର ଇତ୍ୟାଦିର ପଛପଟେ ନମ୍ବର ପ୍ଲେଟ ନଥାଏ ଆଉ ଯଦି ଥାଏ ତେବେ ଗ୍ରିଲ୍ ପଛ ପଟୁ ପଢିବା ମୁସ୍କିଲ ହୁଏ । ଏସବୁ ନିଶ୍ଚିତ ଭାବେ ପ୍ରଶାସନର ଜାଣତରେ ହେଉଛି ବା ଉପରିସ୍ଥ ପଦାଧିକାରୀଙ୍କ ଚାପ /ଦଳୀୟ କ୍ଷମତାର ଅପବ୍ୟବହାର ଦ୍ୱାରା ହେଉଛି । ତେଣୁ ସାଧାରଣ ମନୁଷ୍ୟ କିପରି ସଡ଼କରେ ନିଜକୁ ନିରାପଦ ବୋଲି ଭାବିବେ ? ନିଶାସକ୍ତ ଡ୍ରାଇଭର ମାନେ ଦୁଇ ଚକିଆ ବାଇକ୍‌ରୁ ଆରମ୍ଭ କରି ୨୨ ଚକିଆ ଟ୍ରକ ଚଲାଉଛନ୍ତି । ଅନେକ ନାମୀ ଦାମୀ କମ୍ପାନୀର କାର୍ ଗୁଡିକର ବେପରୁଆ ଚାଳକ ନିଶାସକ୍ତ ହୋଇ ପଥଚାରୀଙ୍କ ଜୀବନ ନେଇ ଯାଉଛନ୍ତି । ଆଇନର ଅନେକ ଗଳା ବାଟ ଅଛି... ଆମ ଦେଶରେ ଏମ ଭି ଆଇ ମାନଙ୍କର ଅଖଣ୍ଡ କ୍ଷମତା ରହିଛି । ସେମାନେ ଚାହିଁଲେ ମନୁଷ୍ୟକୃତ ଦୁର୍ଘଟଣାକୁ ଲାଞ୍ଚ ନେଇ ଯାନ୍ତ୍ରିକ ଦୁର୍ଘଟଣାର ରୂପ ଦେଇ ପାରିବେ। ଏଇତ ଆମଦେଶର ମ୍ୟାଜିକ୍, ଆମ ଦେଶରେ ପରିବହନ ବିଭାଗ ୯୦ ପ୍ରତିଶତ ଦୁର୍ନୀତିଗ୍ରସ୍ତ। ଟଙ୍କା ବିନା ପରିବହନ ବିଭାଗରେ ପତ୍ରଟିଏ ମଧ୍ୟ ହଲେ ନାହିଁ। ସରକାରଙ୍କ ଜ୍ଞାତସାରରେ ଆନ୍ତଃ ରାଜ୍ୟ ଚେକ୍ ଗେଟ୍ ଗୁଡ଼ିକରେ ଦୁର୍ନୀତି ମହାମାରୀ ସଦୃଶ କାୟା ବିସ୍ତାର କରିଛି ।

ଜାତୀୟ ରାଜପଥ ଆଜି ମରଣଯନ୍ତାରେ ପରିଣତ ହୋଇଛି । ଛୋଟ ଠାରୁ ବଡ଼ ଯାନର ନିର୍ମାତା ମାନେ ବିକ୍ରିର ପ୍ରତିଯୋଗିତାକୁ ନଜରରେ ରଖି ଆଧୁନିକ ଯାନ ଗୁଡିକର ବେଗ ତଥା ପରିବହନ କ୍ଷମତା ଅନ୍ତର୍ଜାତୀୟ ମାନ ସହିତ ତାଳଦେଇ ବଢ଼ାଇ ଚାଲିଛନ୍ତି । କିନ୍ତୁ ଆମ ସଡକ ଏବଂ ତାହାର କାର୍ଯ୍ୟ କ୍ଷମତାର ମାନ ଏହାକୁ ସମ୍ଭାଳିବାକୁ ସକ୍ଷମ ହେଉଛି କି ? ଲଗାମଛଡ଼ା ଚାଳକଗଣ ଶୀତତାପ ନିୟନ୍ତ୍ରିତ ବା ସାଧାରଣ ଯାନ ଚଳାଇବା ବେଳେ କୌଣସି ନୀତି ନିୟମକୁ ଖାତିର କରୁ ନାହାନ୍ତି। ସୁସ୍ଥ ମସ୍ତିଷ୍କରେ ଧୈର୍ଯ୍ୟର ସହିତ ଗାଡି ଚଳାଇବା ଉଚିତ ଏହିକଥା ସେମାନେ ଭୁଲି ଯାଇଛନ୍ତି। ଜାତୀୟ ରାଜପଥ ପାର୍ଶ୍ୱରେ ନାଲି ପାଣିର ଦୋକାନ ଚାଳକ ମାନଙ୍କୁ ଆଉଟିକେ ଉତ୍ସୃଙ୍ଖଳିତ କରିବାରେ ସାହାଯ୍ୟ କରୁଛି। ନିର୍ଦ୍ଧାରିତ ବେଗ ଠାରୁ ଅଧିକ ବେଗରେ ଗାଡି ଚଳାଇ ଦୁର୍ଘଟଣା ଘଟିବା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି । କିଛି ଯାତ୍ରୀବାହୀ ବସ ପ୍ରତିଯୋଗିତା ମୂଳକ ବସ ଚଳାଇ ଅଧିକ ଉପାର୍ଜନ ଆଶାରେ ସର୍ବସ୍ୱ ହରାଇ ବସିବା ସହିତ ନିରୀହ ଯାତ୍ରୀଙ୍କ ଜୀବନ ସହ ଜୁଆ ଖେଳୁଛନ୍ତି । ଆମ ଜାତୀୟ ରାଜପଥର ନଦ୍ଧାରେ ଅନେକ ତ୍ରୁଟି ପରିଲକ୍ଷିତ ହୁଏ । ସ୍ୱଳ୍ପ ସମୟ ଗାଡି ରଖିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ଚିହ୍ନିତ ହୋଇ ନାହିଁ । ଆପଦ କାଳୀନ ସହାୟତା ତଥା ଚାଳକମାନଙ୍କୁ ସଡକ ସୁରକ୍ଷା ବିଷୟରେ ସତର୍କ କରାଇବାକୁ କେହି ତତ୍ପରତା ପ୍ରକାଶ କରନ୍ତି ନାହିଁ, ଯାତ୍ରୀଙ୍କ ଜୀବନ ପ୍ରତି ପ୍ରାୟ ସମସ୍ତେ ଉଦାସୀନ । ପ୍ରତି ୫୦ କିଲୋମିଟର ବ୍ୟବଧାନରେ ଟୋଲ୍ ଗେଟ୍ ବସାଇ ସରକାରଙ୍କ ଦ୍ୱାରା ଅର୍ଥ ଆଦାୟ ଚାଲିଛି । ସରକାର ଏବଂ ଜନସାଧାରଣଙ୍କ ଇଚ୍ଛା ଶକ୍ତିର ଅଭାବ ଫଳରେ ଅକାଳରେ ଦୁର୍ମୂଲ୍ୟ ଜୀବନ ଚାଲି ଯାଉଛି ଯାହାରକି କୌଣସି ଭରଣା ହୋଇ ପାରୁ ନାହିଁ ।

ସୁସ୍ଥ ମାନସିକତା ଥିବା ଚାଳକ ଏବଂ ଲଗାତାର ଭାବେ ଘଣ୍ଟା ଘଣ୍ଟା ଧରି ଦୂରଗାମୀ ଗାଡି ଚଳାଉଥିବା ଡ୍ରାଇଭର ମାନଙ୍କୁ ନିର୍ଦ୍ଦିଷ୍ଟ ବ୍ୟବଧାନରେ ବାଧତାମୂଳକ ବିଶ୍ରାମ ଦେବାପାଇଁ କଠୋର ନିୟମ ହେବା ଦରକାର ଓ ବିଶ୍ରାମ ବିହୀନ ଗାଡି ଚାଳନା ଦୁର୍ଘଟଣାର ପ୍ରମୁଖ କାରଣ ହୋଇଥାଏ । ଉତ୍ତମ ସଡକ, ଶୃଙ୍ଖଳିତ ଗାଡି ଚାଳନା, ଓଭର ଲୋଡ଼ ବିହୀନ ଯାତ୍ରା, ଗାଡିର ନିୟମିତ ରକ୍ଷଣା ବେକ୍ଷଣ, ଜାତୀୟ ରାଜପଥ କଡରେ ବେଆଇନ ଭାବେ ଗାଡି ନ' ରଖିବା, ନିର୍ଭୁଲ ସଡକ ସଂକେତ ଦେବା, ରାସ୍ତା କଡରେ ଦୋକାନ ବଜାର କରି ରାସ୍ତାକୁ ସଂକୁଚିତ ନ'କରି ଦୁର୍ଘଟଣାକୁ ଆମେ ଅନେକାଂଶରେ କମାଇ ଦେଇ ପାରିବା ।

ଗାଡ଼ି ବିକ୍ରେତା ମାନଙ୍କୁ ସଠିକ୍ ଭାବରେ ନିର୍ଦ୍ଦେଶ ଦେବା ମଧ୍ୟ ଜରୁରୀ । ବିନା ଲାଇସେନ୍ସ ଧାରୀ କ୍ରେତାଙ୍କୁ ଗାଡ଼ି ବିକ୍ରୀ କରି ପାରିବେ ନାହିଁ । ବିକ୍ରୀ ହେଉଥିବା ନିଜସ୍ୱ/ପ୍ରାଇଭେଟ୍ ଗାଡ଼ି ଗୁଡ଼ିକୁ ଅତି କମ୍ ରେ ୧୦ ବର୍ଷର ତୃତୀୟ ପକ୍ଷ ବୀମା ବାଧତାମୂଳକ କରିବାର ନୀୟମ ପ୍ରଣୟନ । ଅନ୍ୟଥା ଗାଡ଼ି ପଞ୍ଜୀକରଣ ହୋଇ ପାରିବ ନାହିଁ । ଅଧିକାଂଶ ଗାଡ଼ି ମାଲିକ ବୀମା କରନ୍ତି ନାହିଁ, ଦୁର୍ଘଟଣା ଘଟାନ୍ତି, ରାସ୍ତାରେ ଗୁଣ୍ଡାମି କରି ନିରୀହ ଲୋକଙ୍କୁ ହଇରାଣ ହରକତ ତଥା ମରଣାନ୍ତକ ଆକ୍ରମଣ କରିବାକୁ ପଛାନ୍ତି ନାହିଁ । ଅର୍ଥ/କ୍ଷମତା ବଳରେ ବଳିୟାନ ବ୍ୟକ୍ତି ବିଶେଷଙ୍କ ପାଇଁ ସରକାର କଠୋର ଆଭିମୁଖ୍ୟ ପୋଷଣ କରିବା ଉଚିତ୍ । ପ୍ରିୟା ପ୍ରୀତି ତୋଷଣ ଦ୍ୱାରା ଆମେ ଆଇନକୁ ଅସମ୍ମାନ ପ୍ରଦର୍ଶନ କରୁଛୁ । ଏହାର କୁପ୍ରଭାବ ନିଶ

32 YEARS
ସମ୍ବାଦ ଜାହ୍ନବୀ
ଭୁବନେଶ୍ୱର, ୮ ସେପ୍ଟେମ୍ବର ୨୦୨୬ ମଙ୍ଗଳବାର

ମହାନଦୀରୁ ଉଦ୍ଧାର ହେଲେ ୨୦ରୁ ଉର୍ଦ୍ଧ୍ୱ ମଇଁଷି

କଟକ, ନ୍ୟୁଜ୍ ବ୍ୟୁରୋ

ମହାନଦୀରେ ଭାସିଗଲେ ମଇଁଷି ପଲ। ୨୦ରୁ ଉର୍ଦ୍ଧ୍ୱ ମଇଁଷି କଟକ ଯୋବ୍ରା ଆନିକଟ ୭୭ ନମ୍ବର ଗେଟ୍ ନିକଟ ମହାନଦୀ ପାଣିରେ ଭାସି ଯାଉଥିବା ସୂଚନା ମିଳିଥିଲା। ମଇଁଷି ପଲ ମହାନଦୀର ପ୍ରଖର ସ୍ରୋତରେ ଭାସୁଥିବା ଦେଖିବାକୁ ମିଳିଥିଲା । ଖବରପାଇ ଘଟଣାସ୍ଥଳରେ କଟକ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ତେବେ ମହାନଦୀର ପ୍ରଖର ସ୍ରୋତ ଯୋଗୁ ପ୍ରାୟ ୨ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ମଇଁଷି ଗୁଡ଼ିକୁ ଉଦ୍ଧାର କରାଯାଇଥିଲା । ତେବେ ମଇଁଷି ପଲ କେଉଁଠୁ ଭାସିଆସିଲେ, ସେନେଇ ଏଯାଏଁ ସ୍ପଷ୍ଟ ସୂଚନା ମିଳିନାହିଁ। ମହାନଦୀରେ ମଇଁଷି ପଲ ଭାସୁଥିବା ଦେଖି ଯୋବ୍ରା ବ୍ୟାରେଜ୍ ନିକଟରେ ଲୋକଙ୍କ ଭିଡ଼ ଜମିଥିଲା।

ସେପ୍ଟେମ୍ବର ୧୧ରୁ ବୌଦ୍ଧରେ ପ୍ଲାଷ୍ଟିକ୍ ମୁକ୍ତ ମହୋତ୍ସବ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

'ଆମ ଖାଦ୍ୟ ଆମ ସଂସ୍କୃତି – ପ୍ଲାଷ୍ଟିକ୍ ମୁକ୍ତ ଖାଦ୍ୟ ମହୋତ୍ସବ' ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ମିନି କନ୍‌ଫରେନ୍ସ ହଲ୍‌ରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରସ୍ତାବିତ ଖାଦ୍ୟ ମହୋତ୍ସବ ଆସନ୍ତା ୧୧ ସେପ୍ଟେମ୍ବରରେ ବୌଦ୍ଧର ମର୍ଚ୍ଚାକୁଦ ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ଆୟୋଜନ କରାଯିବ। ଏହି ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜିଲ୍ଲାର ପାରମ୍ପରିକ ଓ ସ୍ଥାନୀୟ ଖାଦ୍ୟ ପରମ୍ପରାକୁ ପ୍ରୋତ୍ସାହନ ଦେବା ସହିତ ସ୍ଥାନୀୟ ସଂସ୍କୃତିର ସୁରକ୍ଷା, ପ୍ରଚାର ଏବଂ ପରିବେଶ ସୁରକ୍ଷା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା। ବଲାଙ୍ଗୀର ସ୍ଥିତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏହି ବୈଠକ ଆୟୋଜିତ ହୋଇଥିଲା। ଆଞ୍ଚଳିକ ଅଧିକାରୀ ଇଞ୍ଜିନିୟର ବବିତା ସିଂହ ବୈଠକରେ ପ୍ରସ୍ତାବିତ ମହୋତ୍ସବର ଉଦ୍ଦେଶ୍ୟ ଓ ଆୟୋଜନର ରୂପରେଖ ସମ୍ପର୍କରେ ଆଲୋଚନା ଆରମ୍ଭ କରିଥିଲେ। ପାରମ୍ପରିକ ଖାଦ୍ୟ ସଂସ୍କୃତିର ପ୍ରଚାର ସହିତ ପ୍ଲାଷ୍ଟିକ୍‌ର ବ୍ୟବହାରକୁ ନିରୁତ୍ସାହିତ କରି ପରିବେଶ ଅନୁକୂଳ ପଦକ୍ଷେପ ଗ୍ରହଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଉପଜିଲ୍ଲାପାଳ ବିନୟ କୁମାର ଭୋଇ, ବୌଦ୍ଧଗଡ଼ ପୌର ପାଳିକାର ନିର୍ବାହୀ ଅଧିକାରୀ, ଜିଲ୍ଲା ଯୋଗାଣ ଅଧିକାରୀ, ମିଶନ ଶକ୍ତିର ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଓ ସମ୍ପୃକ୍ତ ବିଭାଗର ପ୍ରତିନିଧିମାନେ ଯୋଗ ଦେଇଥିଲେ। ମହୋତ୍ସବକୁ ସୁଚାରୁ ଓ ସଫଳ ଭାବେ ଆୟୋଜନ କରିବା ପାଇଁ ବିଭିନ୍ନ ବିଭାଗ ଓ ଅଧିକାରୀମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ବୌଦ୍ଧ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ମହୋତ୍ସବରେ ଷ୍ଟଲ୍ ସ୍ଥାପନ କରି ଜିଲ୍ଲାର ପାରମ୍ପରିକ, ଦେଶୀ ଓ ସ୍ଥାନୀୟ ଖାଦ୍ୟ ସାମଗ୍ରୀ ପ୍ରଦର୍ଶନ କରିବେ। ଏହା ମାଧ୍ୟମରେ ବୌଦ୍ଧର ସମୃଦ୍ଧ ଖାଦ୍ୟ ପରମ୍ପରା ସହିତ ମହିଳାମାନଙ୍କ ଉଦ୍ୟମିତା ଓ ସମୁଦାୟ ଭିତ୍ତିକ ପ୍ରୟାସକୁ ଏକ ସୁନ୍ଦର ମଞ୍ଚ ମିଳିବ। ଏହି ମହୋତ୍ସବରେ ଉତ୍କୃଷ୍ଟ ପ୍ରଦର୍ଶନ, ଖାଦ୍ୟର ଗୁଣବତ୍ତା, ଉପସ୍ଥାପନା ଏବଂ ପାରମ୍ପରିକ ଖାଦ୍ୟ ସଂସ୍କୃତିର ପ୍ରଚାରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରେଷ୍ଠ ତିନିଟି ଏସ୍‌ଏଚ୍‌ଜି ଗୋଷ୍ଠୀ/ଷ୍ଟଲ୍‌କୁ ପୁରସ୍କୃତ କରାଯିବ। ମହୋତ୍ସବକୁ ସମ୍ପୂର୍ଣ୍ଣ ପ୍ଲାଷ୍ଟିକ୍ ମୁକ୍ତ ରଖିବା ଉପରେ ବୈଠକରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏଥିପାଇଁ ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ୍‌ର ବିକଳ୍ପ ଭାବେ ପରିବେଶ ଅନୁକୂଳ ସାମଗ୍ରୀ ଓ ଇକୋ-ଫ୍ରେଣ୍ଡଲି କଟଲେରୀ ବ୍ୟବହାର କରାଯିବ। ଏହା ସହିତ ପ୍ଲାଷ୍ଟିକ୍‌ର ବ୍ୟବହାର ହ୍ରାସ, ଦାୟିତ୍ୱପୂର୍ଣ୍ଣ ଉପଭୋଗ ଏବଂ ପରିବେଶ ସୁରକ୍ଷା ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବ।

ଓଏଏସ୍ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲା ଲକ୍ଷେ ଘର ଗଣ୍ଡା ସମାଜ ପକ୍ଷରୁ ଓଏଏସ୍ ଛାତ୍ରଛାତ୍ରୀ ତଥା ସୋନପୁରର ଗର୍ବ ଗୌରବଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଭାରପ୍ରାପ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଯୋଗଦେଇ ଶିକ୍ଷା ବିନା ସମାଜ ଆଗକୁ ବଢ଼ିପାରେନି ବୋଲି ମତରଖି ଆଜିର ଏ ସମ୍ବର୍ଦ୍ଧନା କୃତି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ନୂଆ ଯୁବ ପିଢ଼ୀଙ୍କୁ ପ୍ରେରଣା ଦେବ ବୋଲି କହିଥିଲେ । ବୀରମହାରାଜପୁର ବ୍ଲକ୍ ଉପାଧ୍ୟକ୍ଷ ନାରାୟଣ ଲୁହା, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଆନନ୍ଦ ବାରିକ, ସମାଜସେବୀ ସାନନ୍ଦ ବାରିକ, ତରଭା ବ୍ଲକ କଂଗ୍ରେସ କମିଟି ସଭାପତି ମୁକୁନ୍ଦ ବିଶ୍ୱାଳ, ବରିଷ୍ଠ କଂଗ୍ରେସ ନେତା ମାଧବ କୁଷାର, ତରଣୀ ବାରିକ, କଟକ ଲେବର କମିଶନର ବିଭାଗର ଆସିଷ୍ଟାଣ୍ଟ ଲେବର ଅଫିସର ମୌସୁମୀ ପାତ୍ର ଯୋଗଦେଇ ଓଏଏସ୍ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଓଏଏସ୍ କୃତି ଛାତ୍ର ନିତିଶ ବାରିକ, ଆଶିଷ କୁମାର ସୁନା, ଆକାଶ ସୁନା ଓ ଓଏଏସ୍ ଛାତ୍ରୀ ମୌସୁମୀ ପାତ୍ରଙ୍କୁ ମୁଖ୍ୟ ଅତିଥି ଶ୍ରୀ ମାଝୀ ଓ ସମ୍ମାନିତ ଅତିଥି ଶ୍ରୀମତୀ ପଧାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଲକ୍ଷେ ଘର ଗଣ୍ଡା ସମାଜ ଜିଲ୍ଲା ସଭାପତି ମାଧବ କୁମାର ଓ ତରଣୀ ବାରିକଙ୍କ ତତ୍ତ୍ୱାବଧାନରେ ସମ୍ବର୍ଦ୍ଧନା ସଭା ଅୟୋଜନ କରାଯାଇଥିଲା ।

ଜନ୍ମାଷ୍ଟମୀ ପାଇଁ ବରଗଡ଼ରେ ଭକ୍ତିମୟ ପରିବେଶ

ବରଗଡ଼, ନ୍ୟୁଜ୍ ବ୍ୟୁରୋ

ବରଗଡ଼ ଜିଲ୍ଲା ଗାଇସିଲେଟ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ପବିତ୍ର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ଭକ୍ତି, ଶ୍ରଦ୍ଧା ଓ ଆନନ୍ଦମୟ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସର ଶ୍ରୀକୃଷ୍ଣଙ୍କ ଜନ୍ମଲୀଳା ଓ ବିଭିନ୍ନ ପୌରାଣିକ ଚରିତ୍ରର ଅଭିନୟରେ ଉତ୍ସବମୁଖର ହୋଇଉଠିଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଧର୍ମାନନ୍ଦ ମହଲା ଉପସ୍ଥିତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ଜନ୍ମାଷ୍ଟମୀର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଶ୍ରୀକୃଷ୍ଣଙ୍କ ଜୀବନାଦର୍ଶ, ଧର୍ମ ଓ ସତ୍ୟର ପଥରେ ଚାଲିବାର ଶିକ୍ଷା ଏବଂ ମାନବ ସମାଜ ପାଇଁ ତାଙ୍କ ବାର୍ତ୍ତା ଉପରେ ଆଲୋଚନା କରାଯାଇଥିଲା। ଜନ୍ମାଷ୍ଟମୀ ଅବସରରେ ଶ୍ରୀକୃଷ୍ଣଙ୍କ ଜନ୍ମଲୀଳାକୁ ନେଇ ସୁନ୍ଦର ପୌରାଣିକ ଚରିତ୍ର ଅଭିନୟ ପ୍ରଦର୍ଶିତ ହୋଇଥିଲା। ନନ୍ଦରାଜା ଭୂମିକାରେ ଦଶମଣି ସାହୁ ଏବଂ ଯଶୋଦା ରାଣୀ ଭୂମିକାରେ ତାଙ୍କ ସହଧର୍ମିଣୀ ଲକ୍ଷ୍ମୀ ସାହୁ ଅଭିନୟ କରିଥିଲେ। ସେହିପରି ଉଗ୍ରସେନ ଭୂମିକାରେ ମହେନ୍ଦ୍ର କୁମାର ସାହୁ ଏବଂ ବସୁଦେବ ଭୂମିକାରେ ଦଶମ ଶ୍ରେଣୀର ଛାତ୍ର ଗୁଲସନ ସାହୁ ଅଭିନୟ କରିଥିଲେ। ପୌରାଣିକ ଚରିତ୍ରଗୁଡ଼ିକର ଅଭିନୟ ମାଧ୍ୟମରେ ଶ୍ରୀକୃଷ୍ଣଙ୍କ ଜନ୍ମ ଓ ବାଲ୍ୟଲୀଳା ସମ୍ପର୍କିତ ବିଭିନ୍ନ ଘଟଣାକୁ ଉପସ୍ଥାପନ କରାଯାଇଥିଲା। ଏହା ଉପସ୍ଥିତ ଛାତ୍ରଛାତ୍ରୀ, ଅଭିଭାବକ ଓ ଅତିଥିମାନଙ୍କ ମନରେ ଭକ୍ତିଭାବ ସୃଷ୍ଟି କରିଥିଲା। ଏହି ଅବସରରେ ବିଦ୍ୟାଳୟର ସଭାପତି ଅରୁଣ କୁମାର ପାଣିଗ୍ରାହୀ ମଧ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉତ୍ସାହିତ କରିଥିଲେ। ସରୋଜିନୀ ପଟେଲ ଓ ଭାଗ୍ୟଶ୍ରୀ ଦୀପ ଗୁରୁମା ବନ୍ଦନା ଓ ସଂଯୋଜନା କରିଥିବା ବେଳେ ବିଦ୍ୟାଳୟର ଆଚାର୍ଯ୍ୟ-ଆଚାର୍ଯ୍ୟା, ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ସହଯୋଗରେ ଜନ୍ମାଷ୍ଟମୀ ଉତ୍ସବ ସୁନ୍ଦର ଭାବରେ ସମ୍ପନ୍ନ ହୋଇଥିଲା। ଶ୍ରୀକୃଷ୍ଣଙ୍କ ଜୀବନ ଓ ଆଦର୍ଶକୁ ଛାତ୍ରଛାତ୍ରୀଙ୍କ ମନରେ ପହଞ୍ଚାଇବା ସହ ଭାରତୀୟ ସଂସ୍କୃତି, ପରମ୍ପରା ଓ ଧାର୍ମିକ ମୂଲ୍ୟବୋଧ ପ୍ରତି ସେମାନଙ୍କ ଆଗ୍ରହ ବଢ଼ାଇବା ଏହି ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ପରିଶେଷରେ ଗୁରୁଜୀ ପ୍ରେମରାଜ ମଟାରୀ ଧନ୍ୟବାଦ ଅର୍ପଣ କରିଥିଲେ।

ବୌଦ୍ଧ ଜିଲ୍ଲା ଚାଷୀଙ୍କୁ ମିଳିଲା ୧୦କୋଟି ୭୪ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସିଏମ୍ କିଷାନ ପଞ୍ଚମ କିସ୍ତି

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ସ୍ଥାନୀୟ ଟାଉନ୍ ହଲ୍ ଠାରେ ସିଏମ୍ କିଷାନ ସହାୟତା ରାଶି ପଞ୍ଚମ କିସ୍ତି ପ୍ରଦାନ କରାଯାଇଛି। ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୃଷି ଶିକ୍ଷା ସଦନ ଓୟୁଏଟି ଭୁବନେଶ୍ୱରରୁ ରିମୋଟ ଦବାଇ ୫ମ କିସ୍ତି ପ୍ରଦାନ କରିଛନ୍ତି । ଡିବିଟି ମାଧ୍ୟମରେ ଚାଷୀଙ୍କ ଖାତାକୁ ଏହି ଟଙ୍କା ଆସିଥିବାବେଳେ ଚାଷୀମାନେ ଏହି ଟଙ୍କାକୁ ଚାଷ କାମରେ ଲଗାଇବାରେ ସହାୟକ ହେବ। ପବିତ୍ର ଜନ୍ମାଷ୍ଟମୀ ଓ ନୂଆଁଖାଇ ପୂର୍ବରୁ ଚାଷୀଙ୍କ ଖାତାକୁ ଏହି ଟଙ୍କା ଆସିଥିବାରୁ ଚାଷୀମାନେ ଖୁବ୍ ଆନନ୍ଦିତ ଅଛନ୍ତି । ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଯୋଗଦେଇ କହିଥିଲେ ଯେ ଚାଷୀଙ୍କୁ ଏହି ସିଏମ୍ କିଷାନ ସହାୟତା ଟଙ୍କା ଖୁବ୍ ଉପକୃତ କରାଇପାରୁଛି । ବିଭିନ୍ନ ସମୟରେ ଚାଷୀର ଅଭାବକୁ ମଧ୍ୟ ଏହା ବହୁ ମାତ୍ରାରେ ସାହାଯ୍ୟ କରୁଛି। ସମ୍ମାନିତ ଅତିଥି ଭାବେ କନ୍ଧମାଳ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଯୁଗଳ କିଶୋର ସାମଲ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଉପ ଜିଲ୍ଲାପାଳ ବିନୟ କୁମାର ଭୋଇ, ଜିଲ୍ଲା କୃଷି ଅଧିକାରୀ ରାଜେଶ ଚୌଧୁରୀ ଯୋଗଦେଇଥିବା ବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ । ସିଏମ୍ କିଷାନ କୃଷି ବିଭାଗର ଜିଲ୍ଲା ଯୋଜନା ଅଧିକାରୀ ସୁବ୍ରତ କୁମାର ସେଠୀ, ଯୋଜନା ଅଧିକାରୀ ଅମଳେନ୍ଦୁ ଶତପଥୀ ଓ ସୁବାଶିଷ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୌଦ୍ଧ ଜିଲ୍ଲାରେ ସିଏମ୍ କିଷାନ ସହାୟତା ୫୩୭୩୭ ଜଣଙ୍କୁ ୧୦ କୋଟି ୭୪ ଲକ୍ଷ ୭୪ ହଜାର ଟଙ୍କା ଡିବିଟି ମାଧ୍ୟମରେ ମିଳିଥିବା ବେଳେ ବୌଦ୍ଧ ମ୍ୟୁନିସିପାଲିଟିର ୮୬ ଜଣଙ୍କୁ, ବୌଦ୍ଧ ବ୍ଲକର ୧୬ ହଜାର ୮୩ ଜଣ, ହରଭଙ୍ଗା ବ୍ଲକ ୧୬ ହଜାର ୩ ଜଣଙ୍କୁ ଓ କଣ୍ଧାମାଳ ବ୍ଲକର ୨୧ ହଜାର ୫୬୫ ଜଣଙ୍କୁ ପ୍ରଦାନ କରାଯାଇଛି । ସେହିପରି ଭୂମିହୀନ ୧୭୩ ଜଣ ଚାଷୀଙ୍କ ମଧ୍ୟରୁ ବୌଦ୍ଧ ବ୍ଲକର ୫୯, ହରଭଙ୍ଗା ବ୍ଲକର ୯୬ ଓ କଣ୍ଧାମାଳ ବ୍ଲକର ୧୮ ଜଣଙ୍କୁ ୭ ଲକ୍ଷ ୭ ହଜାର ୫ ଶହ ଟଙ୍କା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଚାଷୀ ଉପସ୍ଥିତ ଥିଲେ ।

ଚଳିତ ମାସ ଶେଷ ସୁଦ୍ଧା ନିଯୁକ୍ତି ପାଇବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ନୂତନ କୁଳପତି

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ବିଶ୍ୱବିଦ୍ୟାଳୟ ନୂତନ କୁଳପତି ଚଳିତ ମାସରେ ଦାୟିତ୍ୱ ଗ୍ରହଣ କରିପାରନ୍ତି । ରାଜ୍ୟପାଳ ତଥା କୁଳାଧିପତିଙ୍କ ନିକଟକୁ ୩ ଜଣ ପ୍ରାର୍ଥୀଙ୍କ ଚୁଡ଼ାନ୍ତ ତାଲିକା ପଠାଯାଇଛି । ସେଥିରୁ କାହା ନାମରେ ସେ ମୋହର ମାରିବେ ତାହା ଶୀଘ୍ର ସ୍ପଷ୍ଟ ହୋଇଯିବ ଓ ଚଳିତ ମାସରେ ସେ ଦାୟିତ୍ୱ ଗ୍ରହଣ କରିବେ ବୋଲି ଅନୁମାନ କରାଯାଉଛି । ପୂର୍ବତନ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସଙ୍କ ୪ ବର୍ଷ କାର୍ଯ୍ୟକାଳ ସରିବା ପରେ ଅର୍ଥାତ୍ ଗତ ଜୁନ୍ ମାସ ପ୍ରଥମ ସପ୍ତାହରୁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅସୀମା ସାହୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅତିରିକ୍ତ ଦାୟିତ୍ୱ ତୁଲାଇ ଆସୁଛନ୍ତି । ଗତ ଏପ୍ରିଲ୍ ୨୨ରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ନୂତନ କୁଳପତି ନିଯୁକ୍ତି ପାଇଁ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ପ୍ରାୟ ୭୪ ଜଣ ଆବେଦନ କରିଥିଲେ । ସ୍କ୍ରୁଟିନି ପରେ ସେମାନଙ୍କ ମଧ୍ୟରୁ ୧୪ ଜଣ ବାଦ ପଡ଼ିଥିଲେ । ରାଜ୍ୟପାଳଙ୍କ ପ୍ରତିନିଧି, ୟୁଜିସି ପ୍ରତିନିଧି ଏବଂ ସିଣ୍ଡିକେଟ୍ ପ୍ରତିନିଧିଙ୍କ ତତ୍ତ୍ୱାବଧାନରେ ଅବଶିଷ୍ଟ ୬୦ ଜଣଙ୍କ ମଧ୍ୟରୁ ୨୬ ଜଣଙ୍କ ନାମ ସର୍ଟଲିଷ୍ଟ କରାଯାଇଥିଲା । ଜୁଲାଇ ୩୧ ଓ ଅଗଷ୍ଟ ୧ରେ ସାକ୍ଷାତକାର ପରେ ତିନି ଜଣଙ୍କ ନାମ ଚୁଡ଼ାନ୍ତ କରି ଅଗଷ୍ଟ ୨ରେ ରାଜ୍ୟପାଳଙ୍କ ନିକଟକୁ ପଠାଯାଇଥିଲା । ଏମାନଙ୍କ ମଧ୍ୟରେ ବ୍ରୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ୟୁନିଭରସିଟି ଅଫ୍ ଟେକ୍‌ନୋଲୋଜିର ଡିନ୍ ତଥା ସିଭିଲ୍ ଇଞ୍ଜିନିୟରିଂ ପ୍ରଫେସର ଅମର ନାଥ ନାୟକ (୬୧) । ସେ ୧୮ ବର୍ଷରୁ ଉର୍ଦ୍ଧ୍ୱ କାଳ ପ୍ରଫେସର ଭାବେ ଶିକ୍ଷାଦାନ ସହ ବହୁ ପ୍ରଶାସନିକ ଦାୟିତ୍ୱ ତୁଲାଇ ଆସୁଛନ୍ତି । ଦ୍ୱିତୀୟ ପ୍ରାର୍ଥୀ ହେଉଛନ୍ତି ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟ ସୋସିଓଲୋଜି ବିଭାଗର ପ୍ରଫେସର ବିଭୂତି ଭୂଷଣ ମହାନ୍ତି (୬୦) । ପ୍ରଫେସର ଭାବେ ତାଙ୍କର ୧୯ ବର୍ଷରୁ ଉର୍ଦ୍ଧ୍ୱ ଶିକ୍ଷାଦାନ ଅଭିଜ୍ଞତା ସହ ପ୍ରଶାସନିକ ଅଭିଜ୍ଞତା ରହିଛି । ଅନ୍ୟ ଜଣେ ହେଲେ ଉତ୍‌କଳ ବିଶ୍ୱବିଦ୍ୟାଳୟ ଜିଓଲୋଜି ବିଭାଗର ପ୍ରଫେସର ଶ୍ରୀରୂପ ଗୋସ୍ୱାମୀ (୫୨) । ସର୍ବ କନିଷ୍ଠ ଆଶାୟୀ ଭାବେ ତାଙ୍କ ନିକଟରେ ରହିଛି ୧୦ ବର୍ଷରୁ ଉର୍ଦ୍ଧ୍ୱ ପ୍ରଫେସର ଭାବେ ଶିକ୍ଷାଦାନ ଅଭିଜ୍ଞତା ସମେତ ପ୍ରଶାସନିକ ଅଭିଜ୍ଞତା । ତିନି ଜଣ ଯାକ ଆଶାୟୀଙ୍କ ବହୁ ଗବେଷଣାତ୍ମକ ଜର୍ଣ୍ଣାଲ୍ ପ୍ରକାଶ ପାଇବା ସହ ଦୀର୍ଘ ଶିକ୍ଷାଗତ ଓ ଅନ୍ୟାନ୍ୟ ଅଭିଜ୍ଞତା ରହିଛି । ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ତିନି ଚୁଡ଼ାନ୍ତ ଆଶାୟୀଙ୍କ ବାବଦରେ ଭିଜିଲାନ୍ସ ରିପୋର୍ଟ ମଧ୍ୟ ପହଞ୍ଚି ସାରିଛି। ରାଜ୍ୟପାଳ ଏହି ତିନି ଜଣଙ୍କ ମଧ୍ୟରୁ କାହାକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ନିଯୁକ୍ତି ପ୍ରଦାନ କରିବେ ସେ ନେଇ ଚର୍ଚ୍ଚା ଜୋର୍ ଧରିଛି ।

ପରୀକ୍ଷା ହଲ୍‌ରେ ଯାଞ୍ଚ:ପ୍ରତିବାଦରେ କଲେଜ ସମ୍ମୁଖରେ ପରୀକ୍ଷାର୍ଥୀଙ୍କ ଧାରଣା

ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ

ଯାଜପୁର ଜିଲ୍ଲାର ବ୍ୟାସନଗର ସହରରେ ଥିବା ବ୍ୟାସନଗର ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଚାଲିଥିଲା ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓ.ଏସ୍.ଓ.ୟୁ)ର ପରୀକ୍ଷା ଚାଲିଛି। ପରୀକ୍ଷା ହଲ୍‌ରେ ଚେକିଙ୍ଗକୁ ନେଇ ପରୀକ୍ଷାର୍ଥୀ ମାନେ ହଙ୍ଗାମା କରିଥିବା ଗୁରୁବାର ଦେଖିବାକୁ ମିଳିଥିଲା । ତେବେ ପରୀକ୍ଷା ହଲ୍‌ରେ ଆମକୁ ମାଡ ମାରିବା, ଧମକ ଦେବା ଓ ଅବ୍ୟବସ୍ଥା ଭଳି ଅଭିଯୋଗକୁ ଆଧାର କରି ପ୍ରାୟ ୮୦ରୁ ଉର୍ଦ୍ଧ୍ୱ ପରୀକ୍ଷାର୍ଥୀ ହଲ୍ ବାହାରକୁ ଆସି ହଠାତ୍ କଲେଜ ଫାଟକ ସାମ୍ନାରେ ଧାରଣାରେ ବସିଥିଲେ । ଘଟଣାସ୍ଥଳରେ ଯାଜପୁର ରୋଡ଼ ପୋଲିସ ପହଞ୍ଚି ପରୀକ୍ଷାର୍ଥୀଙ୍କୁ ବୁଝାସୁଝା କରିଥିଲେ । ପରୀକ୍ଷାର୍ଥୀ ମାନଙ୍କ ଅଭିଯୋଗକୁ କଲେଜ ଅଧ୍ୟକ୍ଷ ଖଣ୍ଡନ କରିଛନ୍ତି । କଲେଜ ଅ

32 YEARS
ଧ୍ରୁବ କଳିଙ୍ଗ
ଭୁବନେଶ୍ୱର,୮ ସେପ୍ଟେମ୍ବର, ମଙ୍ଗଳବାର, ୨୦୨୬
ପୃଷ୍ଠା – ୬

ଆପତ୍ତିଜନକ ଇଙ୍ଗିତ କରିବା ପାକିସ୍ତାନ ଅଧିନାୟିକାଙ୍କୁ ପଡ଼ିଲା ମହଙ୍gା

ଦୁବାଇ

ଭାରତ ବିପକ୍ଷ ମହିଳା ଏସିଆ କପ୍ ଟ୍ୱେଣ୍ଟି-୨୦ ମ୍ୟାଚ୍ ବେଳେ ଖରାପ ଆଚରଣ ଲାଗି ପାକିସ୍ତାନ ଅଧିନାୟିକା ଫତିମା ସାନାଙ୍କୁ ଜରିମାନା ହୋଇଛି। ଭାରତୀୟ ଓପନର ଶେଫାଳି ବର୍ମାଙ୍କୁ ଆଉଟ୍ କରିବା ପରେ ଫତିମା ତାଙ୍କୁ ଆଙ୍ଗୁଠି ଦେଖାଇ ପ୍ୟାଭିଲିୟନକୁ ଫେରିଯିବାକୁ ଇଶାରା ଦେଇଥିଲେ। ଏଥିପାଇଁ ଆଇସିସି ଆଚରଣବିଧି ଲେବଲ୍-୧ ଉଲ୍ଲଂଘନ ଯୋଗୁଁ ତାଙ୍କ ମ୍ୟାଚ୍ ପାଉଣାର ୧୦ ପ୍ରତିଶତ କଟାଯିବା ସହ ଗୋଟିଏ ଡିମେରିଟି ପଏଣ୍ଟ୍ ମିଳିଛି। ଫଳରେ ଗତ ୨୪ ମାସ ମଧ୍ୟରେ ତାଙ୍କ ଡିମେରିଟ୍ ପଏଣ୍ଟ୍ ସଂଖ୍ୟା ୨ରେ ପହଞ୍ଚିଛି। ପଡ଼ିଆ ଅମ୍ପାୟାର ନିମାଲି ପେରେରା, ଶଥିରା ଜାକିର ଜେସି ଓ ତୃତୀୟ ଅମ୍ପାୟାର ରୋକେୟା ସୁଲତାନ ଓ ଚତୁର୍ଥ ଅମ୍ପାୟାର ରବାବ ଏହସାନଙ୍କ ଅଭିଯୋଗ ପରେ ରେଫରି ସୁପ୍ରିୟା ରାଣୀ ଦାସ ଏହି ଦଣ୍ଡ ଶୁଣାଇଛନ୍ତି।

ସେ ନିଜ ଦୋଷ ଓ ଦଣ୍ଡ ସ୍ୱୀକାର କରି ନେଇଥିବାରୁ ପରବର୍ତ୍ତୀ ଶୁଣାଣୀର ଆବଶ୍ୟକତା ରହିନି। ''ଖେଳାଳି ଓ ଖେଳାଳିଙ୍କ ସମ୍ପୃକ୍ତ ଅଧିକାରୀଙ୍କ ପାଇଁ ଥିବା ଆଇସିସି ଆଚରଣ ବିଧିର ଧାରା ୨.୫ (ଅନ୍ତର୍ଜାତୀୟ ମ୍ୟାଚ୍ ବେଳେ ଆଉଟ୍ କରିବା ପରେ ବ୍ୟାଟରଙ୍କୁ ଖରାପ ଭାଷା, ବ୍ୟବହାର କରିବା କିମ୍ବା ଆକ୍ରମଣାତ୍ମକ କାର୍ଯ୍ୟ କରିବା)କୁ ଫତିମା ଉଲ୍ଲଂଘନ କରିଛନ୍ତି। ତେଣୁ ଦଣ୍ଡ ଭାବେ ଗୋଟିଏ ଡିମେରିଟ୍ ପଏଣ୍ଟ୍ ଫତିମାଙ୍କ ଶୃଙ୍ଖଳାଗତ ଖାତାରେ ଯୋଡ଼ା ଯିବା ସହ ମ୍ୟାଚ୍ ପାଉଣାର ୧୦ ପ୍ରତିଶତ କାଟି ଦିଆଯାଇଛି। ୨୪ ମାସ ମଧ୍ୟରେ ଏହା ତାଙ୍କର ଦ୍ୱିତୀୟ ଦୋଷ ହୋଇଥିବାରୁ ଡିମେରିଟ୍ ପଏଣ୍ଟ୍ ୨ରେ ପହଞ୍ଚିଛି'' ବୋଲି ଆଇସିସି ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି। ଗତବର୍ଷ ଅଗଷ୍ଟ ୬ ତାରିଖରେ ଆୟର୍ଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ଖରାପ ଆଚରଣ ପାଇଁ ଫତିମାଙ୍କୁ ଗୋଟିଏ ଡିମେରିଟ୍ ପଏଣ୍ଟ୍ ମିଳିଥିଲା।

ଦୁଲୀପ ଟ୍ରଫି : ଦ୍ୱିଶତକ ମାରି ୩୯ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଲେ ଇଶାନ କିଶନ

ନୂଆଦିଲ୍ଲୀ

ଇଶାନ କିଶନ ପୁଣି ଥରେ ନିଜ ବ୍ୟାଟ୍‌ରେ କମାଲ କରିଛନ୍ତି। ଏହି ଭାରତୀୟ ଷ୍ଟାର ୱିକେଟ୍ କିପର ବ୍ୟାଟ୍ସମ୍ୟାନ୍ ଦୁଲୀପ ଟ୍ରଫି ଫାଇନାଲରେ ଇଷ୍ଟ ଜୋନ୍ ପକ୍ଷରୁ ଖେଳି ସାଉଥ୍ ଜୋନ୍ ବିପକ୍ଷରେ ଏକ ଦ୍ୱିଶତକ ହାସଲ କରିଛନ୍ତି। ଏହା ସହିତ ଇଷ୍ଟ ଜୋନ୍ ଫାଇନାଲରେ ନିଜର ସ୍ଥିତି ମଜବୁତ କରିନେଇଛି। ଦୁଲୀପ ଟ୍ରଫିରେ ଇଶାନଙ୍କର ଏହା ପ୍ରଥମ ଦ୍ୱିଶତକ। ଏହା ପୂର୍ବରୁ ମଧ୍ୟ ସେ ଦ୍ୱିଶତକ ଲଗାଇ ସାରିଛନ୍ତି। ଇଷ୍ଟ ଜୋନ୍ ପାଇଁ ଏହି ଟୁର୍ଣ୍ଣାମେଣ୍ଟରେ ଦ୍ୱିଶତକ ହାସଲ କରିବାରେ ସେ ତୃତୀୟ ବ୍ୟାଟ୍ସମ୍ୟାନ୍ ବନିଯାଇଛନ୍ତି।

ଦୁଲୀପ ଟ୍ରଫି ଫାଇନାଲରେ ଏହି ସମୟରେ ଇଷ୍ଟ ଜୋନ୍ ଏବଂ ସାଉଥ୍ ଜୋନ୍ ଦଳ ମୁହାଁମୁହିଁ ହେଉଛନ୍ତି। ପ୍ରଥମେ ବ୍ୟାଟିଂ କରି ଇଷ୍ଟ ଜୋନ୍ ନିଜର ସ୍କୋରକୁ ୬୦୦ ପାର୍ କରିଦେଇଛି। ଏଥିରେ ଇଶାନ କିଶନଙ୍କ ଜବରଦସ୍ତ ଦ୍ୱିଶତକ ସାମିଲ ଅଛି। ସେ ପ୍ରଥମେ ନିଜର ଶତକ

ପୂରଣ କଲେ ଏବଂ କିଛି ସମୟ ପରେ ଦେଢ଼ଶହ ରନ୍‌ର ଆଙ୍କଡ଼ା ମଧ୍ୟ ପାର୍ କରିଗଲେ। ଏହା ପରେ ସେ ଦ୍ୱିଶତକ ପୂର୍ଣ୍ଣ କରିବାରେ ମଧ୍ୟ ସଫଳ ହେଲେ। ପ୍ରଥମ ଶ୍ରେଣୀ କ୍ରିକେଟରେ ଏହା ତାଙ୍କର ଦ୍ୱିଶତକ ଅଟେ। ଏହା ପୂର୍ବରୁ ସେ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟରେ ମଧ୍ୟ ଏକ ଦ୍ୱିଶତକ ଲଗାଇ ସାରିଛନ୍ତି।

ଇଶାନ ମାତ୍ର ୨୭୦ ବଲ୍‌ରେ ନିଜର ଦ୍ୱିଶତକ ପୂରଣ କରିଥିଲେ। ଏହି ସମୟରେ ସେ ଦୁଇଟି ଛକା ଏବଂ ୨୬ଟି ଚୌକା ମାରିଥିଲେ। ବିଶେଷ କଥା ଏହା ଥିଲା ଯେ ସେ ଚୌକା ମାରି ହିଁ ନିଜର ଦ୍ୱିଶତକ ପୂର୍ଣ୍ଣ କରିଥିଲେ। ଏହା ପୂର୍ବରୁ ଦୁଲୀପ ଟ୍ରଫିରେ ଇଷ୍ଟ ଜୋନ୍ ପାଇଁ ଦୁଇଥର ଅରୁଣ ଲାଲ୍ ଏବଂ ଗୋଟିଏ ଥର ସବା କରିମ୍ ମଧ୍ୟ ଦ୍ୱିଶତକ ଲଗାଇ ସାରିଛନ୍ତି। ଏହି ହିସାବରେ ସେ ଏପରି କରିବାରେ ତୃତୀୟ ବ୍ୟାଟ୍ସମ୍ୟାନ୍ ବନିଯାଇଛନ୍ତି।

ବିଶେଷ କଥା ହେଉଛି ଇଶାନ କିଶନ ଇଷ୍ଟ ଜୋନ୍ ଦଳର ଅଧିନାୟକ ଅଟନ୍ତି ଏବଂ ଏହା ଫାଇନାଲ୍ ମ୍ୟାଚ୍। ଏହା ପୂର୍ବରୁ କେବଳ ଅଂଶୁମାନ ଗାଏକୱାଡ୍ ହିଁ ଏପରି କରିପାରିଥିଲେ। ୧୯୮୭ ମସିହାରେ ଗାଏକୱାଡ୍ ଦୁଲୀପ ଟ୍ରଫି ଫାଇନାଲରେ ଅଧିନାୟକ ଭାବେ ୨୧୬ ରନ୍‌ର ପାଳି ଖେଳିଥିଲେ। ବର୍ତ୍ତମାନ ଇଶାନ କିଶନ ଦୁଲୀପ ଟ୍ରଫି ଫାଇନାଲରେ ସବୁଠାରୁ ବଡ଼ ଇନିଂସ ଖେଳିଥିବା ଅଧିନାୟକ ବନିଯାଇଛନ୍ତି। ଅର୍ଥାତ୍ ପ୍ରାୟ ୩୯ ବର୍ଷର ରେକର୍ଡ ଭାଙ୍ଗିବାରେ ସେ ସଫଳତା ହାସଲ କରିଛନ୍ତି। ଏହି ମ୍ୟାଚରେ ଇଶାନ ୨୫୦ ରନ୍ କରି ରିଟାୟର୍ଡ ହର୍ଟ ହୋଇଛନ୍ତି।

ଦୁଲୀପ ଟ୍ରଫି ଇତିହାସରେ ଏପର୍ଯ୍ୟନ୍ତ କେବଳ ଦୁଇଥର ହିଁ ଏପରି ହୋଇଛି। ଯେତେବେଳେ କୌଣସି ବ୍ୟାଟ୍ସମ୍ୟାନ୍ ୩୦୦ ରନ୍‌ର ପାଳି ଖେଳିଛନ୍ତି। ରମଣ ଲାମ୍ବା ୩୨୦ ରନ୍ ଏବଂ ଗଗନ ଖୋଡ଼ା ପୂରା ୩୦୦ ରନ୍ ଦୁଲୀପ ଟ୍ରଫିରେ ଲଗାଇଛନ୍ତି। ସେମାନଙ୍କ ବ୍ୟତୀତ ଆଉ କୌଣସି ବ୍ୟାଟ୍ସମ୍ୟାନ୍ ୩୦୦ ରନ୍ କରିପାରି ନାହାନ୍ତି। ଏହା ମଧ୍ୟ ଏକ ରେକର୍ଡ ଅଟେ।

ସାହାଣୀ କପ୍ ଫୁଟବଲ୍ ପାଇଁ ଗାନ୍ଧି ଷ୍ଟାଡିୟମ୍‌ର ଭିତ୍ତିଭୂମି ପରଖିଲେ ଫାଓର ଉଚ୍ଚ ସ୍ତରୀୟ ପ୍ରତିନିଧି ଦଳ

ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲା ପ୍ରତିଷ୍ଠା ହେବା ଦିନ ଠାରୁ ସ୍ୱପ୍ନ ଥିଲା ସୁବର୍ଣ୍ଣପୁରରେ ହେବ ଏକ ମର୍ଯ୍ୟାଦା ପୂର୍ଣ୍ଣ ସାହାଣୀ କପ୍ ଫୁଟବଲ୍ ମ୍ୟାଚ୍। ୩୩ ବର୍ଷର ଆଶା ଆକାଂକ୍ଷା ଆହୁରି ଦୃଢ଼ୀଭୂତ ହୋଇଛି। ଓଡ଼ିଶା ଫୁଟବଲ୍ ଆସୋସିଏସନ୍ ପକ୍ଷରୁ ଏକ ଉଚ୍ଚ ସ୍ତରୀୟ ପ୍ରତିନିଧି ଦଳ ସୁବର୍ଣ୍ଣପୁର ଜିଲ୍ଲା ସଦରମହକୁମାରେ ପହଞ୍ଚିଥିଲେ ଓ ଗାନ୍ଧି ଷ୍ଟାଡିୟମ୍‌ର ବିଭିନ୍ନ ଦିଗ ତଥା ଖେଳପଡ଼ିଆ, ଖେଳାଳି ରହିବା ଜାଗା ସହ ସମସ୍ତ ବ୍ୟବସ୍ଥା ଉପରେ ସ୍ଥିତି ପରଖି ଫାଓ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ଠାରେ ରିପୋର୍ଟ ଦାଖଲ କରାଯିବ। ରାଜ୍ୟର ଚାରୋଟି ଜୋନ୍‌କୁ ଖୁବ୍ ଶୀଘ୍ର ଅନୁମତି ପ୍ରଦାନ କରାଯିବ ବୋଲି ଉକ୍ତ ପ୍ରତିନିଧି ଦଳ ପକ୍ଷରୁ ସୂଚନା ମିଳିଛି। ଆସନ୍ତା ୧୮ ତାରିଖରୁ ରାଜ୍ୟର ୪ଟି ଜୋନ୍‌ରେ ସାହାଣୀ କପ୍ ଫୁଟବଲ୍ ଆରମ୍ଭ ହେବାକୁ ଥିବା ବେଳେ ଫାଓ ସଂପାଦକ ଆଶୀର୍ବାଦ ବେହେରାଙ୍କ ନିର୍ଦ୍ଦେଶକ୍ରମେ ଏଇ ପ୍ରତିନିଧି ଦଳ ଇତି ମଧ୍ୟରେ ୫ଟି ଜିଲ୍ଲା ଗସ୍ତ କରି ଭିତ୍ତିଭୂମିର ତଦାରଖ କରିଥିବା ଜଣାଯାଇଛି। ଏ ଖବରରେ ଜିଲ୍ଲାରେ ଫୁଟବଲ୍ ପ୍ରେମୀଙ୍କ ଉତ୍କଣ୍ଠା ବଢ଼ିଛି। ଏହି ଗସ୍ତରେ ଫାଓର ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡ଼େଇ, ଫାଓର ସଦସ୍ୟ ତଥା ସିଲେକ୍ଟର ମଞ୍ଜୁ ନାୟକ, କାର୍ତ୍ତିକ ବେହେରା, ସମ୍ମିତ୍ ନନ୍ଦଙ୍କ ସମେତ ଜିଲ୍ଲା ଆଥେଲେଟିକ୍ ଆସୋସିଏସନ ସଂପାଦକ ପୀୟୂଷ ପଣ୍ଡା, ଉପ ସଭାପତି ଚିତ୍ତରଞ୍ଜନ ତରାସିଆ, ଉପଦେଷ୍ଟା ଗୋବିନ୍ଦ ମହାରଣା, ସଦସ୍ୟ ଭୁକଲୁ ବକ୍ସି, ମନୋରଞ୍ଜନ ତ୍ରିପାଠୀ, ରାଜ କିଶୋର ତ୍ରିପାଠୀ, ଫୁଟବଲ୍ ଆସୋସିଏସନ୍ ସଂପାଦକ ରାଜିବ ସାହୁ, ବିକାଶ ପଣ୍ଡା, ସୁମନ ମିଶ୍ର, ବୁବୁନ ନାଏକ, ହୃଷିକେଶ ପଣ୍ଡା, ସନ୍ତୋଷ ପାଢ଼ୀ ପ୍ରମୁଖ ବହୁ ସଦସ୍ୟ ଯୋଗ ଦେଇଥିଲେ।

୨୦ ବର୍ଷର ଅପେକ୍ଷାର ଅନ୍ତ : ବାଂଲାଦେଶକୁ ହରାଇ ଅଣ୍ଡର-୨୦ ଏସିଆନ୍ କପ୍ ପାଇଁ କ୍ୱାଲିଫାଏ କଲା ଭାରତ

ନୂଆଦିଲ୍ଲୀ

ଭାରତ ଗ୍ରୁପ୍-ବି'ର ନିଜର ଶେଷ କ୍ୱାଲିଫାୟର୍ ମ୍ୟାଚ୍‌ରେ ବାଂଲାଦେଶକୁ ୩-୦ରେ ମାତ୍ ଦେଇଛି। ତାଶକେନ୍ଦର ଦୋସ୍ତଲିକ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ବିଜୟ ସହ ଭାରତୀୟ ଦଳ ଏଏଫ୍‌ସି ଅଣ୍ଡର-୨୦ ଏସିଆନ୍ କପ୍ ଚୀନ୍ ୨୦୨୬ରେ ନିଜ ସ୍ଥାନ ପକ୍କା କରିନେଇଛି। ଭାରତ ପାଇଁ ଡାନି ମେଇତେଇ ଲୈଶରାମ, ବିଶାଳ ଯାଦବ ଓ ମହମ୍ମଦ ଅରବାଶ ଚମତ୍କାର ପ୍ରଦର୍ଶନ କରି ଗୋଲ୍ କରିଥିଲେ। ଏହି ବିଜୟ ବଳରେ ଭାରତୀୟ ଦଳ ୨୦ ବର୍ଷ ପରେ ଏଏଫ୍‌ସି ଅଣ୍ଡର-୨୦ ଏସିଆନ୍ କପ୍‌ରେ ପ୍ରଥମ ଥର ପାଇଁ ସ୍ଥାନ ପାଇଛି।

ଗ୍ରୁପ୍-ବି'ରେ ତିନୋଟି ମ୍ୟାଚ୍ ପରେ ଭାରତର ୬ ପଏଣ୍ଟ ରହିଛି ଏବଂ ଦଳ ଦ୍ୱିତୀୟ ସ୍ଥାନରେ ରହିଥିଲା। ଡାନି ୨୫ତମ ମିନିଟ୍‌ରେ

ଭାରତ ପାଇଁ ପ୍ରଥମ ଗୋଲ୍ କରିଥିଲେ। ଏହାପରେ ବିଶାଳ ଖେଳର ଏକ ଘଣ୍ଟା ମଧ୍ୟରେ ଏକ ଚମତ୍କାର କଳାକୌଶଳ ପ୍ରଦର୍ଶନ କରି ଗୋଲ୍ କରିବା ସହ 'ବ୍ରୁ କୋଲ୍ଟସ'କୁ ୨-୦ରେ ଆଗୁଆ କରିଦେଇଥିଲେ। ବେଞ୍ଚରୁ ଆସିଥିବା ମହମ୍ମଦ ଅରବାଶ ୭୯ତମ ମିନିଟ୍‌ରେ ଏକ ଜବରଦସ୍ତ ଶଟ୍ ସହ ଭାରତକୁ ୩-୦ରେ ଆଗୁଆ କରିବା ସହ ଦଳର ବିଜୟ ସୁନିଶ୍ଚିତ କରିଥିଲେ।

ଡାନି ଆରମ୍ଭରୁ ମହମ୍ମଦ ଅବଦୁଲ ରିୟାଦ ଫହିମଙ୍କ ଉପରେ ଚାପ ପକାଇଥିଲେ, ଯାହାଫଳରେ ବାଂଲାଦେଶୀ ଡିଫେଣ୍ଡର ଜଣକ ସହଜରେ ବଲ୍ ହାତିମ ଅଲୀଙ୍କୁ ବଢ଼ାଇ ଦେଇଥିଲେ। ଭାରତୀୟ ଷ୍ଟ୍ରାଇକର ଚମତ୍କାର ଫର୍ମ ଦେଖାଇ ବକ୍ସ ଭିତରେ ବିନା କୌଣସି ବାଧାରେ ଠିଆ ହୋଇଥିବା ଡାନିଙ୍କୁ ଏକ ସୁନ୍ଦର ପାସ୍ ଦେଇଥିଲେ, ଯାହାକୁ ସେ ଏକ ସାନ୍ଦାର ଫିନିଶ୍ ସହ ଦଳକୁ ପ୍ରାରମ୍ଭିକ ଆଗୁଆ କରାଇଥିଲେ। ଅଧ ଘଣ୍ଟାର ଖେଳ ପରେ ଡାନି ନିଜେ ଭାରତକୁ ୨-୦ ରେ ଆଗୁଆ କରିବାକୁ ଚେଷ୍ଟା କରିଥିଲେ, ଯେତେବେଳେ ତାଙ୍କ ଫ୍ରି-କିକ୍ ସିଧା ଗୋଲ୍ ଆଡ଼କୁ ଗତି କରିଥିଲା; ହେଲେ ଗୋଲକିପର ଚତୁରତା ଦେଖାଇ ଏହାକୁ ଅଟକାଇ ଦେଇଥିଲେ।

ଦ୍ୱିତୀୟ ହାଫ୍ ମଧ୍ୟ ସେହିଭଳି ଭାବେ ଆରମ୍ଭ ହୋଇଥିଲା ଏବଂ 'ବ୍ରୁ କୋଲ୍ଟସ' ନିଜର ଆକ୍ରମଣ ଜାରି ରଖିଥିଲେ। ଖେଳର ପ୍ରାୟ ଏକ ଘଣ୍ଟା ମଧ୍ୟରେ ଆଉ ଏକ ସୁଯୋଗ ସୃଷ୍ଟି ହୋଇଥିଲା, ଯେତେବେଳେ ଋଷିକାନ୍ତ ବକ୍ସ ଭିତରକୁ ଏକ ଲମ୍ବା ଥ୍ରୋ ବିଶାଳଙ୍କ ଆଡ଼କୁ କରିଥିଲେ। ବିଶାଳ ଏକ ଚମତ୍କାର କଳାକୌଶଳ (ଏକ୍ରୋବାଟିକ୍ସ) ପ୍ରଦର୍ଶନ କରି ଗୋଲ୍ କରିଥିଲେ ଏବଂ ଦଳର ଆଗୁଆ ବ୍ୟବଧାନକୁ ଦ୍ୱିଗୁଣିତ କରିଦେଇଥିଲେ।

ବାଂଲାଦେଶ ଶେଷ ଅଧ ଘଣ୍ଟାରେ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା, କିନ୍ତୁ ଦଳ ଭାରତୀୟ ରକ୍ଷଣଭାଗକୁ ଭେଦ କରିପାରି ନଥିଲା। ଭାରତ ୭୨ତମ ମିନିଟ୍‌ରେ ଦଳରେ ପରିବର୍ତ୍ତନ କରିଥିଲା ଏବଂ ଡାନି ଓ ବିଶାଳଙ୍କ ସ୍ଥାନରେ ମହମ୍ମଦ ଅରବାଶ ଏବଂ ପ୍ରଶାନ୍ତ ଜାଜୋଙ୍କୁ ମୈଦାନକୁ ଓହ୍ଲାଇଥିଲା। ପଡ଼ିଆକୁ ଆସିବା ମାତ୍ରେ ହିଁ ଅରବାଶ ଚମତ୍କାର କରିଥିଲେ। ସେ ନିଜ ବାମ ଗୋଡ଼ରେ ଏକ ଜବରଦସ୍ତ ଶଟ୍ ମାରି ବଲ୍‌କୁ ନେଟ୍‌ର ଉପରି ଭାଗରେ ପହଞ୍ଚାଇ ଦେଇଥିଲେ ଏବଂ ଭାରତକୁ ୩-୦ ରେ ଆଗୁଆ କରିଦେଇ ଥିଲେ। ଭାରତ ଏହାପରେ ବାଂଲାଦେଶ ଉପରେ ନିଜର ଦବଦବା ବଜାୟ ରଖିଥିଲା ଏବଂ ଏଏଫ୍‌ସି ଅଣ୍ଡର-୨୦ ଏସିଆନ୍ କପ୍ କ୍ୱାଲିଫିକେସନ୍ ପାଇଁ ନିଜର ଦାବିଦାରୀ ମଜବୁତ କରିବା ଦିଗରେ ଆବଶ୍ୟକ କାର୍ଯ୍ୟ ସମ୍ପନ୍ନ କରିଥିଲା।

କେନ୍ଦୁଝର ଜିଲ୍ଲାପାଳ କାର୍ଯ୍ୟାଳୟ ସାଂସ୍କୃତିକ କ୍ଲବ୍ ପକ୍ଷରୁ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ

କେନ୍ଦୁଝର, ନ୍ୟୁଜ୍

ଜିଲ୍ଲା ପ୍ରଶାସନର ଅଧିକାରୀ ଓ କର୍ମଚାରୀମାନଙ୍କ ମଧ୍ୟରେ କ୍ରୀଡ଼ାବିତ୍ ମନୋଭାବ, ସହଯୋଗିତା ଏବଂ ସୁସ୍ଥ କାର୍ଯ୍ୟ ପରିବେଶ ସୃଷ୍ଟି କରିବା ଉଦ୍ଦେଶ୍ୟରେ 'କେନ୍ଦୁଝର ଜିଲ୍ଲାପାଳ କାର୍ଯ୍ୟାଳୟ ସାଂସ୍କୃତିକ କ୍ଲବ୍' ପକ୍ଷରୁ ଏକ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ସଫଳତାର ସହ ଅନୁଷ୍ଠିତ ହୋଇ ଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ମହିଳା ସିଙ୍ଗଲ୍ସ ଏବଂ ପୁରୁଷ ଡବଲ୍ସ ବିଭାଗରେ ପ୍ରତିଯୋଗୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଏହା ଅଧିକାରୀ ଓ କର୍ମଚାରୀମାନଙ୍କୁ ସେମାନଙ୍କ କ୍ରୀଡ଼ା ପ୍ରତିଭା ପ୍ରଦର୍ଶନର ସୁଯୋଗ ଦେବା ସହ ଦଳଗତ କାର୍ଯ୍ୟ ଏବଂ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ଅଧିକ ସଦୃଢ଼ କରିଛି। ଏହି ଆକର୍ଷଣୀୟ ପ୍ରତିଯୋଗିତାର ମହିଳା ସିଙ୍ଗଲ୍ସର ଫାଇନାଲ୍ ମ୍ୟାଚ୍‌ରେ ନାଶମା ମୁଣ୍ଡା ବିଜେତା ହୋଇଥିବା ବେଳେ ନତାଶା ପାତ୍ର ରନର୍ସ-ଅପ୍ ହୋଇଛନ୍ତି। ପିଙ୍କିରାଣୀ ହେମ୍ବ୍ରମ ଓ ସାଗରିକା ନାୟକ ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ପୁରୁଷ ଡବଲ୍ସ ଫାଇନାଲରେ ଶେଖ ତାବେରୁଦ୍ଦିନ ଓ ସୁବ୍ରତ କୁମାର ବେହେରା ବିଜେତା ଏବଂ ବିନୀତ କୁମାର ପଟେଲ ଓ ମହମ୍ମଦ ତାହାସିନ ରନର୍ସ-ଅପ୍ ହୋଇଛନ୍ତି। ଶିବ ଶଙ୍କର ମୁର୍ମୁ, ଧନଞ୍ଜୟ ମୁର୍ମୁ, ଭୀମସେନ ବାସ୍କେ ଓ ମୌଳିନ୍ଦୁ କୁମାର ମହାନ୍ତ ସେମିଫାଇନାଲିଷ୍ଟ ଭାବେ ଯୁଗ୍ମ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମନ୍ଦରଧର ମହାଲିକ, କେନ୍ଦୁଝର ଉପ-ଜିଲ୍ଲାପାଳ ଉମାଶଙ୍କର ଦଳାଇ, ଚମ୍ପୁଆ ଉପ-ଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ଚମ୍ପୁଆ ପିଏ ଆଇଟିଡିଏ ରାମକୃଷ୍ଣ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ, ପାଟଣା ବିଡିଓ ମାନସ ଦଣ୍ଡପାଟ, ତହସିଲଦାର ଅଶ୍ୱିନୀ ନାୟକ ଏବଂ ଯୋଡ଼ା ବିଡିଓ ଡେନିଶ ବେହେରା ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ସହଯୋଗ କରିଥିଲେ। ସାଂସ୍କୃତିକ କ୍ଲବ୍‌ର ସଭାପତି ପ୍ରଭାତେନ୍ଦୁ ନାୟକ, ଉପସଭାପତି ପୁରୁଷୋତ୍ତମ କୁଆଁର, ସମ୍ପାଦକ ଜନ୍ମେଜୟ ମହାନ୍ତ, ଯୁଗ୍ମ ସମ୍ପାଦକ ସୁଶାନ୍ତ ଦ୍ୱିବେଦୀ, ଯୁଗ୍ମ ସମ୍ପାଦକ- ସତ୍ୟବ୍ରତ ସାହୁ, ନାଟ୍ୟ ସମ୍ପାଦକ ପୀତବାସ ମହାନ୍ତ, କ୍ରୀଡ଼ା ସମ୍ପାଦକ ତନ୍ମୟ ରାୟ ଏବଂ କୋଷାଧ୍ୟକ୍ଷ କମଳାକାନ୍ତ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳିତ ହୋଇଥିଲା। ଏହାସହ କାର୍ଯ୍ୟକାରୀ ସଦସ୍ୟ ତ୍ରିନାଥ ଜେନା, ରତି ରମଣ ମହାନ୍ତ, ଅବନୀ ମହାନ୍ତ, ବୈଜୟନ୍ତୀ ନାଇକ, ଛବିଳ ପାତ୍ର, ମନୋଜ କୁମାର ମଲ୍ଲିକ, ବିଶ୍ୱଭୂଷଣ ବେହେରା, ବିଶ୍ୱଭୂଷଣ ସାହୁ, ଖଗେଶ୍ୱର ପାତ୍ର ଏବଂ ପ୍ରତାପ ରାଜ ସକ୍ରିୟ ସହଯୋଗ କରିଥିଲେ। ସରକାରୀ କାର୍ଯ୍ୟ ବ୍ୟତୀତ ମନୋରଞ୍ଜନ ଓ ଶାରୀରିକ ସୁସ୍ଥତା ପାଇଁ ଏପରି ଆୟୋଜନକୁ ସମସ୍ତ କର୍ମଚାରୀ ସାଧୁବାଦ ଜଣାଇଛନ୍ତି।

ଇଂଲଣ୍ଡ ହ୍ୱାଇଟ୍ ବଲ୍ ଦଳର ନୂଆ ମେଣ୍ଟର ହେଲେ କେଭିନ୍ ପିଟରସନ୍

ଲଣ୍ଡନ

ଇଂଲଣ୍ଡର ପୂର୍ବତନ କ୍ରିକେଟର କେଭିନ୍ ପିଟରସନ୍‌ଙ୍କୁ ଇଂଲଣ୍ଡ କ୍ରିକେଟ୍ ବୋର୍ଡ ଦିନିକିଆ ଏବଂ ଟି୨୦ ଦଳର ବିଶେଷ ପରାମର୍ଶଦାତା ଭାବେ ନିଯୁକ୍ତ କରିଛି। ୨୦୨୭ ଦିନିକିଆ ବିଶ୍ୱକପ୍‌କୁ ନଜରରେ ରଖି ଇଂଲଣ୍ଡ କ୍ରିକେଟ୍ ବୋର୍ଡ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ପିଟରସନ୍ ବର୍ତ୍ତମାନ ଅଷ୍ଟ୍ରେଲିଆ ଗସ୍ତରେ ଦଳ ସହିତ ନଜର ଆସିବେ। ଏହାପରେ ଦକ୍ଷିଣ ଆଫ୍ରିକା ଏବଂ ପାକିସ୍ତାନ ବିପକ୍ଷ ସିରିଜ୍‌ରେ ମଧ୍ୟ ସେ ଇଂଲଣ୍ଡ ଦଳ ସହିତ ରହିବେ।

ଇଂଲଣ୍ଡର ପୂର୍ବତନ ଅଧିନାୟକ କେଭିନ୍ ପିଟରସନ୍ ଏବେ ହ୍ୱାଇଟ୍ ବଲ୍ କ୍ରିକେଟ୍‌ରେ ଇଂଲଣ୍ଡ ଦଳର ନୂଆ

ବିଶେଷ ପରାମର୍ଶଦାତା ହେବେ। ଦିନିକିଆ ବିଶ୍ୱକପ୍ ପ୍ରସ୍ତୁତି ପାଇଁ ତାଙ୍କୁ ଏହି ଦାୟିତ୍ୱ ଦିଆଯାଇଥିବା କୁହାଯାଉଛି। ଆସନ୍ତା ବିଶ୍ୱକପ୍ ପାଇଁ ବର୍ତ୍ତମାନ ପ୍ରାୟ ଦେଢ଼ ବର୍ଷ ସମୟ ବାକି ଅଛି, ଏଭଳି ପରିସ୍ଥିତିରେ ସେ ଏବେଠାରୁ ଦଳକୁ ପ୍ରସ୍ତୁତ କରିବା ଆରମ୍ଭ କରିଦେବେ।

ଇଂଲଣ୍ଡ ଦଳ ବର୍ତ୍ତମାନ ପାକିସ୍ତାନ ବିପକ୍ଷରେ ତିନି ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳୁଛି। ଏହାପରେ ଇଂଲଣ୍ଡ ଦଳ ଶ୍ରୀଲଙ୍କା ବିପକ୍ଷରେ ଟି-୨୦ ଏବଂ ଦିନିକିଆ ସିରିଜ୍ ଖେଳିବ। ନଭେମ୍ବର ମାସରେ ଇଂଲଣ୍ଡ ଦଳ ଦିନିକିଆ ସିରିଜ୍ ପାଇଁ ଅ

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୮ ସେପ୍ଟେମ୍ବର ୨୦୨୬ ମଙ୍ଗଳବାର

ଜଗତସିଂହପୁର ହତ୍ୟାର ଖୋଲିଲା ରହସ୍ୟ

ସୁଭଦ୍ରା ଟଙ୍କାକୁ ନେଇ ସ୍ତ୍ରୀକୁ ହତ୍ୟା କରିଥିଲା ସ୍ୱାମୀ

ଜଗତସିଂହପୁର, ନ୍ୟୁଜ ବ୍ୟୁରୋ

ସଦର ଥାନା ଅନ୍ତର୍ଗତ ଜଂକୋଟି ପଞ୍ଚାୟତର ବଳରାମପୁର ଗ୍ରାମରେ ଶନିବାର ରାତିରେ ଘଟିଥିବା ହତ୍ୟାକାଣ୍ଡ ଘଟଣାରେ ସୋମବାର ଜଗତସିଂହପୁର ପୋଲିସ ଏକ ସାମାଦିକ ସମ୍ମିଳନୀ କରି ଘଟଣା ଉପରୁ ପରଦା ହଟାଇଛି । ସୁଭଦ୍ରା ଟଙ୍କାକୁ ନେଇ ସ୍ତ୍ରୀକୁ ହତ୍ୟା କରିଥିଲା ସ୍ୱାମୀ ବୋଲି ପୋଲିସ ସୂଚନା ଦେଇଛି । ଜଗତସିଂହପୁର ଏସ୍‌ଡିପିଓ ଦିବ୍ୟ ରଞ୍ଜନ ନାଥ କହିଛନ୍ତି ଯେ,'ହତ୍ୟାକାଣ୍ଡ ଦିନ ବିଳମ୍ବିତ ରାତ୍ରରେ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ । ପୋଲିସ ଘଟଣା ସ୍ଥଳରେ ପହଞ୍ଚିବା ବେଳକୁ ସ୍ତ୍ରୀକୁ ହତ୍ୟା କରି ସାରିବା ପରେ ସ୍ୱାମୀ ନିଜେ ଆତ୍ମହତ୍ୟା କରିବା ପାଇଁ ଉଦ୍ୟମ କରୁଥିବା ବେଳେ ପୋଲିସ ତାକୁ ଅଟକାଇ ଥିଲା । ଘଟଣା ସ୍ଥଳରୁ ହତ୍ୟା ପାଇଁ ବ୍ୟବହୃତ ଲୁହା ରଡ୍ ଜବତ କରିବା ସହିତ ମୃତଦେହକୁ ପୋଲିସ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା । ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଅଭିଯୁକ୍ତ ଦିଗମ୍ବର ସ୍ୱାଇଁକୁ ପଚରା ଉଚରା କରାଯିବା ସହ ତଦନ୍ତ ଆରମ୍ଭ ହୋଇଥିଲା । ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି ଯେ, ଦିଗମ୍ବର ସ୍ୱାଇଁ ପୂର୍ବରୁ ଜଣେ ମହିଳାଙ୍କୁ ବିବାହ କରିଥିଲା । କିନ୍ତୁ ଉଭୟଙ୍କ ମଧ୍ୟରେ ସମ୍ପର୍କ ବେସିଦିନ ତିଷ୍ଠି ରହିପାରିଲା ନାହିଁ । ଫଳରେ ଆଇନ ଗତ ଭାବେ ଉଭୟ ଅଲଗା ହୋଇ ଯାଇଥିଲେ । ପରେ ସୋସିଆଲ ମିଡିଆ ମାଧ୍ୟମରେ ଅଭିଯୁକ୍ତ ଦିଗମ୍ବର ପୁଷ୍ପଲତା ସହିତ ସମ୍ପର୍କ ଗଢି ଉଠିଥିଲା । ପରେ ଉଭୟ ବିବାହ କରିଥିଲେ । ଉଭୟ ଏକ ପୁତ୍ର ସନ୍ତାନର ବାପା ମା ମଧ୍ୟ ହୋଇଥିଲେ। ପୁଷ୍ପାଲତାଙ୍କ ସହ ଅନ୍ୟ ପୁରୁଷ ସମ୍ପର୍କ ଥିବା ଅଭିଯୁକ୍ତ ଦିଗମ୍ବର ସନ୍ଦେହ କରିବା ସହ ବିଭିନ୍ନ ସମୟରେ ଘରେ ପାଟିତୁଣ୍ଡ କରୁଥିଲା । ଯାହାକୁ ନେଇ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ସମ୍ପର୍କ ତିକ୍ତ ହୋଇଥିଲା । ଗତ ରବିବାର ଦିନ ରାତିରେ ସୁଭଦ୍ରା ଟଙ୍କାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହେବାପରେ ଉତ୍ତ୍ୟକ୍ତ ହୋଇ ଏକ ଲୁହା ରଡ୍ ଧରି ଦିଗମ୍ବର ପୁଷ୍ପାଲତାର ବେକରେ ପୁରାଇ ଦେଇଥିଲା । ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା ।' ପୋଲିସ ଅଭିଯୁକ୍ତକୁ ଧରିବା ସହ କେସ୍ ନମ୍ବର ୬୩୬, ବିଏନ୍‌ଏସ୍ ୧୦୩(୧) ୮୫, ୧୧୮ (୧) ହତ୍ୟା ମାମଲା ରୁଜୁ କରି ସୋମବାର ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି । ସେପଟେ ଘରେ ଥିବା ୭ ବର୍ଷର ପୁଅ ଓ ବୃଦ୍ଧା ମା'ର ଭବିଷ୍ୟତ ଏବେ ଅନିଶ୍ଚିତତା ମଧ୍ୟକୁ ଚାଲି ଯାଇଛି ।

ଭୁବନେଶ୍ୱର : ଏସ୍‌ବିଆଇ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡ ପାଇଁ ୧.୩୦କୋଟି ଟଙ୍କାର ଚେକ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଦାନ କରୁଛନ୍ତି ଏସ୍‌ବିଆଇ ସିଜିଏମ୍ ରାଜେଶ କୁମାର ଜାଦବ ଓ ବ୍ୟାଙ୍କର ଉଚ୍ଚ ଅଧିକାରୀ ବୃନ୍ଦ। (ଫଟୋ : ସମ୍ବାଦ କଳିକା)

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

୧.୧୦ ଲକ୍ଷ...

ମେକାନିକାଲ ମାଇନ୍ ଲେୟରଗୁଡ଼ିକ ଦୁର୍ଗମ ଅଞ୍ଚଳରେ ଦ୍ରୁତ ଓ ପ୍ରଭାବଶାଳୀ ଭାବେ ମାଇନ୍ ବିଛାଇବାକୁ ସକ୍ଷମ।

ଭାରତୀୟ ନୌସେନା ପାଇଁ ଡିଏସି ଅରୁଧର ରାଡାର କ୍ରୟ ସହିତ ମେରିନ୍ ଗ୍ୟାସ୍ ଟର୍ବାଇନର ବିକଶିତ ମଡେଲକୁ କିଣାଯିବ। ଅରୁଧର ରାଡାରଗୁଡ଼ିକ ବିଭିନ୍ନ ନୌସେନା ବିମାନ ଘାଟିରେ ବର୍ତ୍ତମାନ ଥିବା ଏୟାର ରୁଟ୍ ସର୍ଭେଲାନ୍ସ ରାଡାରକୁ ପରିବର୍ତ୍ତନ କରିବ। ଭାରତୀୟ ବାୟୁସେନାର ଯୁଦ୍ଧ କ୍ଷମତାକୁ ଆହୁରି ମଜଭୁତ କରିବା ଲକ୍ଷ୍ୟରେ ଫାଇଟର୍ ବିମାନ, ପରିବହନ ବିମାନ ଓ ହେଲିକପ୍ଟର ସମ୍ପର୍କିତ ଅନେକ ପ୍ରସ୍ତାବକୁ ମଧ୍ୟ ଅନୁମୋଦନ ମିଳିଛି। ଏଥିରେ ଗ୍ରାଉଣ୍ଡ-ବେସଡ ମଲ୍ଟି-ପର୍ପୋଜ୍ ଜାମର୍ ଓ ଡିଫେନ୍ସ ଫୋର୍ସେସ୍ ସିକ୍ୟୁର୍ ଆକ୍ସେସ୍ କାର୍ଡ ସିଷ୍ଟମ୍ ରହିଛି। ୀ ସେନା ପାଇଁ ଏପରି ଯୁଦ୍ଧାସ୍ତ୍ର ଅଧିଗ୍ରହଣ ଆଗାମୀ ଦିନରେ ଦେଶର କ୍ଷମତାକୁ ମଜଭୁତ କରିବ ବୋଲି କୁହାଯାଉଛି।

ଏଣିକି ଦଶମ...

ସେକେଣ୍ଡାରୀ ଏଜୁକେସନ୍ ଏବଂ କାଉନସିଲ୍ ଅଫ୍ ହାୟର ସେକେଣ୍ଡାରୀ ଏଜୁକେସନ ବଦଳରେ ଗୋଟିଏ ବୋର୍ଡ ବ୍ୟବସ୍ଥା ଲାଗୁ କରିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ଏନେଇ ସୋମବାର ଗଣଶିକ୍ଷା ସଚିବ ଏନ୍ ତିରୁମାଲା ନାୟକ ସୂଚନା ଦେଇଛନ୍ତି। ସେ କହିଛନ୍ତି ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ନିର୍ଦ୍ଦେଶ ମିଳିଛି। ଆଗକୁ ବିଏସଇ ଓ ସିଏଚଏସଇ ଅଲଗା ବୋର୍ଡ ଭାବେ ରହିବ ନାହିଁ। ଏହା ଗୋଟିଏ ବୋର୍ଡ ଅଧୀନରେ ରହିବ। କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡର ଢାଞ୍ଚା ଭଳି ହେବ। ସିବିଏସଇ ଯେପରି ପରୀକ୍ଷା ପରିଚାଳନା କରୁଛି, ଓଡିଶାରେ ମଧ୍ୟ ସେଭଳି ହେବ ବୋଲି ଶ୍ରୀ ନାୟକ କହିଛନ୍ତି। ଏହି ନୂଆ ବ୍ୟବସ୍ଥାକୁ ଲାଗୁ କରିବା ପାଇଁ ସରକାର ଏକ ଡ୍ରାଫ୍ଟ ଆଇନ ପ୍ରସ୍ତୁତ କରୁଛନ୍ତି। ଆଇନ ପ୍ରସ୍ତୁତ ହେବା ପରେ ଏହାକୁ କାର୍ଯ୍ୟକାରୀ କରାଯିବ।

ଓଡ଼ିଶା ସରକାରଙ୍କ...

ସରକାରୀ ଓ ବେସରକାରୀ କୋଠାକୁ ଯାଞ୍ଚ କରାଯିବ। ଯେଉଁ କୋଠାଗୁଡ଼ିକ ବିପଦଶଙ୍କୁଳ ଅବସ୍ଥାରେ ରହିଛି ଏବଂ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ, ସେଗୁଡ଼ିକୁ ଭାଙ୍ଗିବା ପାଇଁ ପଦକ୍ଷେପ ନିଆଯିବ। ଏନେଇ ସମ୍ପୃକ୍ତ ବିଭାଗ ଓ ଅଧିକାରୀମାନଙ୍କୁ ଚିଠି କରାଯିବ ବୋଲି ନଗର ଉନ୍ନୟନ ମନ୍ତ୍ରୀ କହିଛନ୍ତି। ବିଶେଷକରି ଦୁର୍ବଳ ସ୍କୁଲ ଏବଂ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ନେଇ ମଧ୍ୟ ଆବଶ୍ୟକ ପଦକ୍ଷେପ ପାଇଁ ଚିଠି ହୋଇଥିବା ସେ ସୂଚନା ଦେଇଛନ୍ତି।

ଘରୋଇ ଏଲପିଜି ...

ଲାଗୁ ହୋଇଥିବା ରିଫିଲ୍ ବୁକିଂ କଟକଣାକୁ ସରକାର କୋହଳ କରିଛନ୍ତି। ଏହା ପୂର୍ବରୁ ଯୋଗାଣ ଚାପ ଯୋଗୁଁ ସହରାଞ୍ଚଳରେ ଗ୍ରାହକମାନେ ୨୫ ଦିନ ବ୍ୟବଧାନରେ ଏଲପିଜି ରିଫିଲ୍ ବୁକ୍ କରିପାରୁଥିଲେ। ଅନ୍ୟପକ୍ଷରେ ଗ୍ରାମାଞ୍ଚଳର ଗ୍ରାହକଙ୍କୁ ୪୫ ଦିନ ଅପେକ୍ଷା କରିବାକୁ ପଡୁଥିଲା। ବର୍ତ୍ତମାନ ଯୋଗାଣ ସ୍ଥିତିରେ ସୁଧାର ହେବା ପରେ ଏହି ପାର୍ଥକ୍ୟକୁ ହଟାଇ ଦିଆଯାଇଛି। ଫଳରେ ଗ୍ରାମାଞ୍ଚଳର ଗ୍ରାହକମାନେ ମଧ୍ୟ ସହରାଞ୍ଚଳ ଭଳି ୨୫ ଦିନ ବ୍ୟବଧାନରେ ରିଫିଲ୍ ବୁକିଂ କରିପାରିବେ।

ମେଟ୍ରୋ ରେଳରେ...

ଗୁଣା ବୃଦ୍ଧି ହୋଇଛି। ବର୍ତ୍ତମାନ ଭାରତ ହେଉଛି ବିଶ୍ୱର ତୃତୀୟ ବଡ଼ ମେଟ୍ରୋ ନେଟୱାର୍କ। ୨୦୧୪ ପରେ ୩.୪୪ ଲକ୍ଷ କୋଟି ଟଙ୍କା ନିବେଶର ୧୦୫୧ କିଲୋମିଟର ବିଶିଷ୍ଟ ୩୮ଟି ମେଟ୍ରୋ ରେଳ ପ୍ରକଳ୍ପ ମଞ୍ଜୁର କରାଯାଇଥିଲା। ୨୦୧୩-୧୪ରେ ମେଟ୍ରୋ ପାଇଁ ବାର୍ଷିକ ବଜେଟ୍ ୫୭୯୮ କୋଟି ଟଙ୍କା ଥିଲା। ୨୦୨୫-୨୬ରେ ତାହା ୨୯,୫୫୦ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା।

ବିଦ୍ୟୁତ ସଂଚାରଣ...

ନେଟୱାର୍କ ୫ଟିରୁ ବୃଦ୍ଧି ପାଇ ୧୩ଟି ହେବାକୁ ଥିବାବେଳେ ୨୨୦ କେଭି ନେଟୱାର୍କ ୪୮ରୁ ୭୫କୁ ବୃଦ୍ଧି କରାଯିବ। ହୀରାକୁଦ ଓ ଇନ୍ଦ୍ରାବତୀରେ ଫ୍ଲୋଟିଂ ସୋଲାର ପ୍ରକଳ୍ପ ପାଇଁ ସ୍ୱତନ୍ତ୍ର ନେଟୱାର୍କ ସହିତ ଏଆଇ ଆଧାରିତ ରକ୍ଷଣାବେକ୍ଷଣ ବ୍ୟବସ୍ଥା କରାଯିବ। ଶ୍ରୀଜଗନ୍ନାଥ ମନ୍ଦିର ଜମି ପରିଚାଳନାକୁ ନେଇ ମଧ୍ୟ କ୍ୟାବିନେଟ୍ ବଡ ନିଷ୍ପତ୍ତି ନେଇଛି। ଶ୍ରୀଜଗନ୍ନାଥ ମନ୍ଦିର ଜମି ପାଇଁ ନୂଆ ନିୟମ, ୨୦୨୬ ଲାଗୁ କରିବାକୁ ଅନୁମୋଦନ ମିଳିଛି। ଏହା ସହ ୨୦୦୩ ଓ ୨୦୧୯ର ୟୁନିଫର୍ମ ପଲିସିକୁ ବାତିଲ କରାଯାଇଛି। ନୂଆ ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ଅନଲାଇନ୍ ପୋର୍ଟାଲ, ଜିଆଇଏସ୍ ମ୍ୟାପିଂ ଏବଂ ଭୂଲେଖ ସହ ସଂଯୋଗ ଭଳି ବ୍ୟବସ୍ଥା ରହିବ। ବିଏମ୍‌ଭି/ଏଏଲ୍‌ଏସ୍‌ଏସ୍ ମଧ୍ୟରୁ ଯେଉଁ ହାର ଅଧିକ ହେବ, ସେହି ହାରରେ ସେଟଲମେଣ୍ଟ କରାଯିବ। ଜମି କାରବାରରେ ଜାଲିଆତି ରୋକିବା ପାଇଁ ମଧ୍ୟ କଡ଼ା ପ୍ରାବଧାନ ରହିବ। 'ପଞ୍ଚସଖା ଶିକ୍ଷା ସେତୁ' ଯୋଜନା ନାମରେ ଶିକ୍ଷା କ୍ଷେତ୍ରରେ ନୂଆ ଯୋଜନାକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି। ଏହି ଯୋଜନା ଅଧୀନରେ ସରକାରୀ ସ୍କୁଲଗୁଡ଼ିକ ପାଇଁ ଦାନ କରାଗଲେ ସରକାର ତାହାର ଦୁଇଗୁଣା ଅର୍ଥ ମ୍ୟାଚିଂ ଗ୍ରାଣ୍ଟ ଭାବେ ଦେବେ। ଅର୍ଥାତ୍, ଦାତା ୧ ଟଙ୍କା ଦାନ କଲେ ସରକାର ୨ ଟଙ୍କା ଦେବେ। ତେବେ ସରକାରୀ ମ୍ୟାଚିଂ ଗ୍ରାଣ୍ଟର ସର୍ବାଧିକ ସୀମା ୫୦ ଲକ୍ଷ ଟଙ୍କା ରହିବ। ଏହି ଯୋଜନାରେ ୫ ବର୍ଷରେ ୩୧୨.୯୬ କୋଟି ଟଙ୍କା ଖର୍ଚ୍ଚ ହେବ। ୟୁନିଫର୍ମ ନିଯୁକ୍ତି ବ୍ୟବସ୍ଥାରେ ମଧ୍ୟ ସଂସ୍କାର ଅଣାଯାଇଛି। ଓୟୁଏସ୍‌ଏସ୍‌ଏସ୍‌ସି ନିୟମ, ୨୦୨୫ରେ ସଂଶୋଧନକୁ କ୍ୟାବିନେଟ୍ ଅନୁମୋଦନ କରିଛି। ପୋଲିସ, ଜେଲ, ଅବକାରୀ ଓ ଜଙ୍ଗଲ ବିଭାଗର ସମସ୍ତ ଗ୍ରୁପ୍-ସି ପଦବୀ ପାଇଁ ଗୋଟିଏ ପରୀକ୍ଷା କରାଯିବ। ଏହି ପରୀକ୍ଷାର ନାମ କମ୍ବାଇନ୍ଡ୍ ରିକ୍ରୁଟ୍‌ମେଣ୍ଟ ଏକ୍‌ଜାମିନେସନ ରଖାଯାଇଛି। ଏହା ଦ୍ୱାରା ବିଭିନ୍ନ ବିଭାଗର ଗ୍ରୁପ୍-ସି ନିଯୁକ୍ତି ପ୍ରକ୍ରିୟାକୁ ଅଧିକ ସରଳ ଓ ସମନ୍ୱିତ କରିବା ଲକ୍ଷ୍ୟ ରହିଛି। ଓଡ଼ିଶାର ଜଳସେଚନ ପ୍ରକଳ୍ପଗୁଡିକରେ ପର୍ଯ୍ୟଟନ ସୁବିଧାର ବିକାଶ (ବୋଇଡ)କୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ୬୫୦.୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ୫ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୬-୨୭ ଆର୍ଥିକ ବର୍ଷରୁ ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ରାଜ୍ୟର ନିଜସ୍ୱ ସମ୍ବଳରୁ କାର୍ଯ୍ୟକାରୀ କରାଯିବ। ଏହି ଯୋଜନାରେ ସଂରଚନଗତ ପଦକ୍ଷେପ ଯଥା ଐତିହ୍ୟବାହୀ, ଜଳସେଚନ ସଂରଚନାଗୁଡିକର ସଂରକ୍ଷଣ ଓ ପୁର୍ନରୁଦ୍ଧାର, ପାରମ୍ପାରିକ ଜଳ ପରିଚାଳନା ପ୍ରଣାଳୀର ପ୍ରଦର୍ଶନ, ଐତିହ୍ୟ ଆଧାରିତ ବିକାଶ ମାଧ୍ୟମରେ ଆଞ୍ଚଳିକ, ସାମାଜିକ-ଆର୍ଥିକ ସୁଯୋଗ ସୃଷ୍ଟିକରଣ। ଏହା ବ୍ୟତୀତ ଐତିହାସିକ କୋଠା,ବାଡି ଓ ସଂରଚନା ଗୁଡିକର ପୁନଃ ବ୍ୟବହାରକୁ ପ୍ରୋତ୍ସାହନ, ଐତିହ୍ୟବାହୀ ଜଳସେଚନ ସଂରଚନାଗୁଡିକର ମୂଳ ଜଳ ପ୍ରଣାଳୀକୁ ସ୍ଥିରୀକରଣ ଓ ପୁର୍ନଜୀବିତ କରି ସେଗୁଡିକର ସଂରକ୍ଷଣ ଓ ଉପଯୁକ୍ତ ଭିତ୍ତିଭୂମି ବିକାଶ ମାଧ୍ୟମରେ ଐତିହ୍ୟ ସମ୍ପଦର ସ୍ଥାୟୀ ଉପଯୋଗର ସୁନିଶ୍ଚିତତା ଏହି ଯୋଜନାର ମୂଳଲକ୍ଷ୍ୟ ରଖାଯାଇଛି। ସେହିପରି ସୌର ଓ ଅଣ ସୌର ପମ୍ପିଂ ବ୍ୟବସ୍ଥା ସହିତ ଗଭୀର ନଳକୂପ ମାଧ୍ୟମରେ ଜଳସେଚନ କ୍ଷମତା ସୃଷ୍ଟି ଯୋଜନା କାର୍ଯ୍ୟକାରୀ କରିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି। ୧୫୦୦୦୦ଟି ଗଭୀର ନଳକୂପ ସ୍ଥାପନ କରି ୭୫୦୦୦୦ ହେକ୍ଟର ଜଳସେଚନ କ୍ଷମତା ସୃଷ୍ଟି ପାଇଁ ୫ ବର୍ଷ ମଧ୍ୟରେ ରାଜ୍ୟର ନିଜସ୍ୱ ସମ୍ବଳରୁ ୮୬୫୩.୦୪ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ପାଇଁ ପ୍ରସ୍ତାବ ଅନୁମୋଦିତ ହୋଇଛି। ରାଜ୍ୟର ୨୬ ଜିଲ୍ଲା ଏବଂ ୨୫୬ ବ୍ଲକରେ ଏହା କାର୍ଯ୍ୟକାରୀ ହେବ।

ଫ୍ୟାସନ କ୍ଲବର ୨୧ ତମ ଗଣେଶ ପୂଜା ଉପଲକ୍ଷେ ଓଡ଼ିଶାରେ ପ୍ରଥମ କରି

ନୀଳମାଧବଙ୍କ ୧୦ଟି ବେଶ ପ୍ରଦର୍ଶନ କରାଯିବ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ସାମ୍ବାଦିକ ସମ୍ମିଳନୀରେ ପ୍ୟାସନ କ୍ଲବ ପକ୍ଷରୁ ସଭାପତି ଅଶୋକ ପଲେଇ ୨୪.୯.୨୬ ରୁ ୨୦.୯.୨୬ ଅନୁଷ୍ଠିତ ହେବାକୁ ଥିବା ୨୧ ତମ ଗଣେଶ ପୂଜା ଉପଲକ୍ଷେ ସମସ୍ତଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ। ଉପଦେଷ୍ଟା ଡ଼ ନାରାୟଣ ମହାପାତ୍ର ଏହି ଅବସରରେ ନୀଳମାଧବ ହିଁ ଶ୍ରୀ ଜଗନ୍ନାଥଙ୍କ ଆଦ୍ୟରୂପ କାର୍ଯ୍ୟକ୍ରମରେ ନୀଳମାଧବଙ୍କ ୧୦ଟି ରୂପ ପ୍ରଦର୍ଶନ ସହିତ ମହାପ୍ରଭୁଙ୍କ ଚତୁର୍ଦ୍ଧା ମୂର୍ତ୍ତିଙ୍କ ସୁନା ବେଶ ଓ ପଦ୍ମ ବେଶ ମଧ୍ୟ ଅନୁଷ୍ଠିତ ହେବ ବୋଲି ଘୋଷଣା କରିଥିଲେ। ଏହି ଦୁର୍ଲଭ ବେଶର ଦର୍ଶନ ନିମନ୍ତେ ସମସ୍ତେ ଏହି ଗଣେଶ ପୂଜା କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗ ଦେବାକୁ ଅନୁରୋଧ କରିଥିଲେ। ମହାପ୍ରଭୁଙ୍କ ଏହି ବେଶ ପ୍ରଦର୍ଶନୀ ଫ୍ୟାସନ କ୍ଲବ ଶ୍ରୀଜଗନ୍ନାଥ ଶ୍ରୀ ସଂସ୍କୃତି ପ୍ରଚାର ସଂସ୍ଥାନ, ବିଶ୍ୱ ସନାତନ ସେବା ଟ୍ରଷ୍ଟ ଶ୍ରୀଜଗନ୍ନାଥ ଭକ୍ତ ସମାଜର ମିଳିତ ସହଯୋଗରେ ଅନୁଷ୍ଠିତ ହେଉଅଛି।

ସର୍ବଭାରତୀୟ ସମ୍ମିଳନୀରେ ଯୋଗଦେଲେ ଓଡ଼ିଶାର ବାଚସ୍ପତି ଓ ବିଧାୟିକାଗଣ

ନୂଆଦିଲ୍ଲୀ/ଭୁବନେଶ୍ୱର , ନ୍ୟୁଜ ବ୍ୟୁରୋ

ସୋମବାର ନୂଆଦିଲ୍ଲୀରେ ଆୟୋଜିତ ସର୍ବଭାରତୀୟ ସ୍ତରରେ କାପାସିଟି ବିଲ୍‌ଡିଂ ସମ୍ମିଳନୀରେ ଯୋଗଦେଇ ମାନ୍ୟବର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ କହିଛନ୍ତି ଯେ ଆମେ ବଜେଟ୍ ପ୍ରସ୍ତୁତିଠାରୁ ଆରମ୍ଭ କରି ଆଇନ ପ୍ରଣୟନ ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ମହିଳାମାନଙ୍କୁ ସର୍ବାଗ୍ରେ ଗୁରୁତ୍ୱ ଦେଇଆସୁଅଛୁ । ତୃଣମୂଳ ସ୍ତରରେ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ପଂଚାୟତ ସ୍ତରରେ ସଂରକ୍ଷଣର ସୁବିଧା ପ୍ରଦାନ କରୁଅଛୁ । ମିଶନ ଶକ୍ତି ମାଧ୍ୟମରେ ୬ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ୭୦ ଲକ୍ଷ ମହିଳା ଆଜି ଉପକୃତ ହୋଇପାରିଛନ୍ତି । ସ୍ୱୟଂ ସହାୟକ ମହିଳା ଗୋଷ୍ଠୀମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଉଦ୍ୟୋଗୀ ଭାବେ ଗଢ଼ିତୋଳିବା ପାଇଁ ସରକାର ସବୁ ପ୍ରକାର ସହାୟତା ଯୋଗାଇ ଦେଇଛନ୍ତି। ମାତୃଓ ଶିଶୁ ମୃତ୍ୟୁହାର ହ୍ରାସ କରିବା ଉଦ୍ଦେଶ୍ୟରେ କିଶୋରୀମାନଙ୍କ ପୋଷଣ ବୃଦ୍ଧି ପାଇଁ ଯୋଜନା କାର୍ଯ୍ୟକାରୀ ହେଉଛି । ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା କୈଶଳ ଶିକ୍ଷା ପାଇଁ ୭୩୦ ସରକାରୀ ଓ ସରକାରୀ ସହାୟତାପ୍ରାପ୍ତ ମହାବିଦ୍ୟାଳୟ ଓ ୧୬ଟି ବିଶ୍ୱବିଦ୍ୟାଳୟରେ ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି । ସୂଚନାଯୋଗ୍ୟ ଯେ ସର୍ବଭାରତୀୟ କାପାସିଟି ବିଲ୍‌ଡିଂ ସମ୍ମିଳନୀ ୭ ଓ ୮ ସେପେଟମ୍ବର ଦୁଇଦିନ ଧରି ଦିଲ୍ଲୀଠାରେ ଅନୁଷ୍ଠିତ ହେଉଛି । ଲୋକସଭାର ବାଚସ୍ପତି ଶ୍ରୀ ଓମ୍ ବିର୍ଲା ଏହି କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିବାବେଳେ ଜାତୀୟ ମହିଳା କମିଶନ (ଘଉଡ)ର ଅଧ୍ୟକ୍ଷା ଶ୍ରୀମତୀ ବିଜୟା ରାହାତର୍କ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । । ମହିଳାମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରି ଏକ ସୁଦୃଢ଼ ଓ ସମୃଦ୍ଧ ଗଣତନ୍ତ୍ର ପ୍ରତିଷ୍ଠା ସହ ମହିଳାମାନଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଏହି ସର୍ବଭାରତୀୟ କାପାସିଟି ବିଲ୍‌ଡିଂ ସମ୍ମିଳନୀ ଆରମ୍ଭ ହୋଇଛି । ଜାତୀୟ ମହିଳା କମିଶନଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମହିଳାମାନଙ୍କୁ ତାଲିମ ପ୍ରଦାନ ଦ୍ୱାରା ସେମାନଙ୍କର ଲେଖନୀ ଶୈଳୀ, ଭାବଗତ ଆଦାନପ୍ରଦାନ, ଚିନ୍ତନ ଶୈଳୀରେ ପରିବର୍ତ୍ତନ ମାଧ୍ୟମରେ ସେମାନଙ୍କ ମଧ୍ୟରେ ନେତୃତ୍ୱ ନେବାର ଦକ୍ଷତା ବିକାଶ ଘଟିବ । ଏଥି ପାଇଁ ମହିଳା କମିଶନ ପକ୍ଷରୁ ବିଧାୟିକାମାନଙ୍କୁ 'ଜେଣ୍ଡର ରେସ୍‌ପନ୍‌ସିଭ୍ ଗଭର୍ଣ୍ଣାନ୍ସ' ତାଲିମ ମାଧ୍ୟମରେ ମହିଳାମାନଙ୍କୁ ସଶକ୍ତ କରିବାର ଲକ୍ଷ୍ୟ ରଖାଯାଇଛି । ଏହି ସମ୍ମିଳନୀରେ ପ୍ରଥମ ଥର ପାଇଁ ଦେଶର ସମସ୍ତ ରାଜ୍ୟର ମହିଳା ବିଧାୟିକା ଓ ବିଧାନ ପରିଷଦର ସଦସ୍ୟାମାନେ ଯୋଗଦେଇଛନ୍ତି । ଏଥିରେ ଓଡ଼ିଶାରୁ ବାଚସ୍ପତି ସୁରମା ପାଢ଼ୀଙ୍କ ନେତୃତ୍ୱରେ ବିଜେଡି ବିଧାୟକ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଧାୟିକା ସୁବାସିନୀ ଜେନା, ସୁଜାତା ସାହୁ, ସୀମାରାଣୀ ନାୟକ, ମନୋରମା ମହାନ୍ତି, ସୋଫିଆ ଫିଁଦୋସ୍, ଉପାସନା ମହାପାତ୍ର, ବର୍ଷା ସିଂହ ବରିହା ପ୍ରମୁଖ ଯୋଗଦେଇଥିବାବେଳେ ବିଧାନସଭାର ଗବେଷଣା ଅଧିକାରୀ ଜୟକୃଷ୍ଣ ପ୍ରଧାନ ଓ ରଣଧିର ରାୟ ଦିଲ୍ଲୀ ଗସ୍ତରେ ଯାଇଛନ୍ତି ।

ଅକ୍ଟୋବର ୭କୁ ଘୁଞ୍ଚିଲା ଜିଏସଟି ପରିଷଦ ବୈଠକ

ନୂଆଦିଲ୍ଲୀ,

ଆସନ୍ତା ୧୨ସେପ୍ଟେମ୍ବରରେ ବସିବାକୁ ଥିବା ଜିଏସଟି ପରିଷଦର ଗୁରୁତ୍ୱପୂର୍ଣ୍ଣ ବୈ

ଶୁଭ ପ୍ରଭାତ
ଉତ୍କଳ ଦୀପିକା
ଭୁବନେଶ୍ୱର, ୦୮ ସେପ୍ଟେମ୍ବର, ମଙ୍ଗଳବାର, ୨୦୨୬
RNI Regd. No. : 52640/94
Postal Regd. No. : BN/60/25-27

ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଲୀଳା: କାଳୀୟଦଳନ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

ପୁରୀ ୭/୯ ନ୍ୟୁଜ ବ୍ୟୁରୋ
ସୋମବାର ଭାଦ୍ରବ କୃଷ୍ଣପକ୍ଷ ଏକାଦଶୀ ତିଥିରେ ଶ୍ରୀମନ୍ଦିରରେ କାଳୀୟଦଳନ ନୀତି ଅନୁଷ୍ଠିତ ହୋଇଯାଇଛି । ମହାପ୍ରଭୁ କାଳୀୟଦଳନ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି । ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର କାଳୀୟଦଳନ ବେଶ ଓ ଧେନୁକାସୁର ବଧ ନୀତି ଅନୁଷ୍ଠିତ ହୋଇଯାଇଛି । ମାର୍କଣ୍ଡେଶ୍ୱର ପୁଷ୍କରିଣୀରେ କାଳୀୟଦଳନ ନୀତି ଗରୁଡଙ୍କ ଦ୍ୱାରା ସମାପନ ହୋଇଛି । ସୋମବାର କାଳୀୟଦଳନ ଏକାଦଶୀରେ ଆଜ୍ଞାମାଳ ପାଇ ଶ୍ରୀମଦନମୋହନ, ରାମ କୃଷ୍ଣ ଲୋକନାଥ ରୋଡ ସ୍ଥିତ ଲବଣୀ ଖୁଆ ମଣ୍ଡପକୁ ଯାଇଥିଲେ। ସେଠାରେ ମହାଭୋଇ (ଗଉଡ଼) ସେବକ ଘର ବୋହୂମାନେ ଠାକୁରଙ୍କୁ ବନ୍ଦାପନା କରିବା ସହ ଲବଣୀ ଖୁଆଇଥିଲେ। ମହାଭୋଇ ସେବକ ଘର ବୋହୂମାନେ ସେବା କରିବା ପୂର୍ବରୁ ଗୀତ ଗୋବିନ୍ଦ ଖଣ୍ଡୁଆ ପରିଧାନ

କରିଥିଲେ। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ଓ ଦକ୍ଷିଣ ଘର ଭୋଗ ସରିବା ପରେ ଶ୍ରୀମଦନମୋହନ ଓ ରାମକୃଷ୍ଣ ରତ୍ନ ସିଂହାସନକୁ ବିଜେ କରିଥିଲେ। ପୂଜାପଣ୍ଡା ତିନି ମୂର୍ତ୍ତିଙ୍କୁ ଆଜ୍ଞାମାଳ ଦେବା ପରେ (ମହାଜନେ) ପୁଷ୍କାଳକଙ୍କ ହାତରେ ବିଜେ ହୋଇ ଝୁଲଣ ମଣ୍ଡପ ନିକଟରେ ଥିବା ପାଲିଙ୍କିରେ ବିରାଜିତ ହୋଇଥିଲେ। ତତ୍ପରେ ବଡ଼ଦେଉଳକୁ ବେଢାଏ ବୁଲି ଲୋକନାଥ ରୋଡ୍ ସ୍ଥିତ ଲବଣୀଖୁଆ ମଣ୍ଡପକୁ ବିଜେ କରି ଓ ବନ୍ଦାପନା, ଶୀତଳ ଭୋଗ ଇତ୍ୟାଦି ନୀତି ସମାପନ ପରେ ମାର୍କଣ୍ଡ ପୁଷ୍କରିଣୀଠାରେ କାଳୀୟଦଳନ ଲୀଳା ହୋଇଥିଲା । ସେଠାରେ ଶୀତଳ ଭୋଗ ଓ ବନ୍ଦାପନା ହୋଇ ବାହୁଡା ବିଜେ ପୂର୍ବକ ଶ୍ରୀମନ୍ଦିରର ଜୟ ବିଜୟ ଦ୍ୱାର ଠାରେ ଏକାଦଶୀ ଭୋଗ ଓ ବନ୍ଦାପନା ହୋଇ ଦକ୍ଷିଣୀ ଘରକୁ ବିଜେ କରିଥିଲେ। ପରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବାଡ଼ରେ କାଳୀୟଦଳନ ବେଶ ହୋଇଥିଲା। ବେଶ ହୋଇ ସନ୍ଧ୍ୟାଧୂପ ପାଣି ପଡ଼ିଲା ପରେ ଜଗନ୍ନାଥ ବଲ୍ଲଭ ମଠରୁ ଆସିଥିବା ବଡ଼ ଅମୃତ ଲଡୁ ଖୁଣ୍ଟିଆ ସେବକଙ୍କଠାରୁ ନେଇ ପୁଷ୍ପାଳକ ଶ୍ରୀହସ୍ତରେ ଲାଗି କରିଥିଲେ। ରତ୍ନ ସିଂହାସନ ଉପରେ ବିରାଜିତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ କାଳୀୟଦଳନ ବେଶରେ ସୁସଜ୍ଜିତ କରାଯାଇଥିଲା। ଏହି ବେଶରେ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ର କାଷ୍ଠ ନିର୍ମିତ ଶ୍ରୀଭୁଜ ଓ ଶ୍ରୀପୟର ଯୁକ୍ତ ହୋଇଥାନ୍ତି । ବେଶ ପୂର୍ବରୁ ଦରଜି ଓ ମହାରଣା, ଚିତ୍ରକାର ଓ ସୋଲ ଶିଳ୍ପୀମାନଙ୍କ ଦ୍ୱାରା ବେତ, ସୂତା ଓ କନାରେ ପ୍ରସ୍ତୁତ ପ୍ରାୟ ୩୦ ଫୁଟ୍ ଲମ୍ବର ଏକ ବିରାଟକାୟ ସପ୍ତ ଫେଣିଆ କାଳୀୟ ସର୍ପ ବା ନାଗଟି ଚାରିଟି ଅଂଶରେ ବିଭକ୍ତ ହୋଇଥିଲା ।

ନନ୍ଦନକାନନରେ ସିଂହୀ ମାୟା ଦେଲା ୨ ଶାବକଙ୍କୁ ଜନ୍ମ

ଭୁବନେଶ୍ୱର,୭/୦୯
ନ୍ୟୁଜ ବ୍ୟୁରୋ

ନନ୍ଦନକାନନରେ ଖୁସି ଓ ଦୁଃଖର ଖବର। ଦୁଇ ଶାବକକୁ ଜନ୍ମ ଦେଲା ସିଂହୀ 'ମାୟା'। ହେଲେ ଜନ୍ମ ବେଳେ ଗୋଟିଏ ଶାବକର ମୃତ୍ୟୁ ହୋଇଥିବାବେଳେ ଅନ୍ୟଟି ଜୀବିତ ରହିଛି। ପ୍ରଥମ ପ୍ରସବ ହୋଇଥିବାରୁ ମାୟା ଜୀବିତ ଶାବକର ଯତ୍ନ ନେଇପାରୁନାହିଁ । ଏହାକୁ ହ୍ୟାଣ୍ଡ ରିୟରିଂ ସେଣ୍ଟର (ଏଚ୍ଆର୍ସି)ରେ ଶାବକକୁ ରଖି ବିଶେଷ ଯତ୍ନ ନିଆଯିବ। ଜୀବିତ ଶାବକର ସ୍ୱାସ୍ଥ୍ୟ ଉପରେ ନନ୍ଦନକାନନର ପଶୁ ଚିକିତ୍ସକ ଓ ବିଶେଷଜ୍ଞମାନେ ନଜର ରଖିଛନ୍ତି । ପ୍ରାଣୀ ଉଦ୍ୟାନ ଉପ ନିର୍ଦ୍ଦେଶକଙ୍କ ସୂଚନା ଅନୁସାରେ, ସିଂହ 'ଶିବମ' ଓ ସିଂହୀ 'ମାୟା'ଙ୍କ ମଧ୍ୟରେ ୨୦୨୬ ମେ' ୧୬ ଓ ୧୭ ତାରିଖରେ ସଂଗମ ହୋଇଥିଲା। ଏହାପରେ ମାୟା ଗର୍ଭବତୀ ହୋଇଥିଲା। ପ୍ରାୟ ୧୧୨ ଦିନର ଗର୍ଭଧାରଣ ପରେ ସେପ୍ଟେମ୍ବର ୭ ତାରିଖ ଭୋରରେ ମାୟା ପ୍ରସବ କରିଥିଲା। ରାତି ୨ଟା ୪୧ ମିନିଟ୍‌ରେ ମାୟା ପ୍ରଥମ ଶାବକକୁ ଜନ୍ମ ଦେଇଥିଲା। ତେବେ ଶାବକଟି ମୃତ ଅବସ୍ଥାରେ ଥିଲା। ଏହାର କିଛି ସମୟ ପରେ ଭୋର ସମୟ ୫ଟା ୪୯ ମିନିଟ୍‌ରେ ମାୟା ଦ୍ୱିତୀୟ ଶାବକକୁ ଜନ୍ମ ଦେଇଥିଲା। ଏହି ଶାବକଟି ଜୀବିତ ଥିବା ଜଣାପଡ଼ିଛି। ଏଚ୍ଆର୍‌ସିରେ ବୋତଲ ଫିଡିଂ ମାଧ୍ୟମରେ ଖାଦ୍ୟ ଦେବା ସହ ଶାବକ ଶରୀରର ତାପମାତ୍ରା, ଓଜନ ଓ ସାମଗ୍ରିକ ସ୍ୱାସ୍ଥ୍ୟ ଉପରେ ନିୟମିତ ନଜର ରଖାଯିବ। ପଶୁ ଚିକିତ୍ସକ ଓ ବିଶେଷଜ୍ଞଙ୍କ ତତ୍ତ୍ୱାବଧାନରେ ଶାବକର ବିଶେଷ ଯତ୍ନ ନିଆଯିବ। ଗତବର୍ଷ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଥିବା ସିଂହୀ 'ରେୱା' ଆଖି ବୁଜିଥିଲା । ପ୍ରସବକାଳୀନ ଅସୁସ୍ଥତା କାରଣରୁ ରେୱାର ମୃତ୍ୟୁ ହୋଇଥିବା କହିଥିଲେ ନନ୍ଦନକାନନ କର୍ତ୍ତୃପକ୍ଷ । ମାତୃତ୍ୱକୁ ନେଇ ସିଂହୀ ରେୱାର ଶରୀରରେ ଜଟିଳତା ଦେଖା ଦେଇଥିଲା । ଏହାପରେ ତା'ର ମୃତ୍ୟୁ ଘଟିଥିଲା । ୩ଟି ଶାବକକୁ ଜନ୍ମ ଦେବା ପରେ ଅସୁସ୍ଥ ହୋଇପଡିଥିଲା ରେୱା । ଏହାପରେ ନନ୍ଦନକାନନରେ ସିଂହ ସଂଖ୍ୟା ୨ ୩କୁ ହ୍ରାସ ପାଇଥିଲା । ତେବେ ନନ୍ଦନକାନନରେ ଏବେ ୨୪ଟି ସିଂହ ରହିଛନ୍ତି । ସିଂହ ବଂଶ ବୃଦ୍ଧି କରିବା ଦିଗରେ ନନ୍ଦନକାନନ କର୍ତ୍ତୃପକ୍ଷ ଅନେକ ପଦକ୍ଷେପ ନେଉଛନ୍ତି । ନନ୍ଦନକାନନକୁ ବିଶ୍ୱସ୍ତରୀୟ କରିବା ପାଇଁ ସରକାର ମଧ୍ୟ ଆଉ ଗୋଟେ ସୋପାନ ଆଗକୁ ବଢିଛନ୍ତି। ବିଦେଶରୁ ବି ବନ୍ୟପ୍ରାଣୀ ଆଣୁଛନ୍ତି ସରକାର ।

ସମ୍ବଲପୁର ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବ

ପ୍ରଧାନମନ୍ତ୍ରୀଙ୍କ ଉପଦେଶ ମାନିବାକୁ ରାଜ୍ୟପାଳଙ୍କ ପରାମର୍ଶ

ସମ୍ବଲପୁର ୭ ।୯ ନ୍ୟୁଜ ବ୍ୟୁରୋ
ପ୍ରଧାନମନ୍ତ୍ରୀଙ୍କ ଉପଦେଶ ମାନିବାକୁ ରାଜ୍ୟପାଳଙ୍କ ପରାମର୍ଶ ଦେଇଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟର ୩୬ ତମ ସମାବର୍ତ୍ତନ ଉତ୍ସବରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ରାଜ୍ୟବାସୀଙ୍କୁ ଅପିଲ୍ କରିଛନ୍ତି ରାଜ୍ୟପାଳ ଡ. ହରିବାବୁ କମ୍ଭମ ପାଟି। ଭାରତକୁ ଆଗକୁ ନେବାକୁ ହେଲେ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ ମାନିବା ଉଚିତ ବୋଲି କହିଛନ୍ତି ରାଜ୍ୟପାଳ। ଲୋକସେବା ଭବନରେ ଯେମିତି ସବୁ କର୍ମଚାରୀଙ୍କୁ ଫ୍ରିରେ ଇଭି ଗାଡ଼ି ଚାର୍ଜିଂ ପାଇଁ ବ୍ୟବସ୍ଥା ହୋଇଛି ସେହିପରି ବିଶ୍ୱବିଦ୍ୟାଳୟରେ ବି ବ୍ୟବସ୍ଥା କରି କ୍ଲିନ୍ ଏନର୍ଜି ଉପରେ ଗୁରୁତ୍ୱ ଦେବାକୁ କହିଛନ୍ତି ରାଜ୍ୟପାଳ । ସେହିପରି ବର୍ଷେ ଯାଏଁ ସୁନା କିଣାରେ ରୋକ୍, କମ୍ ଖାଇବା ତେଲ ବ୍ୟବହାର, ବିଦେଶରେ କୌଣସି ସ୍ଥାନରେ ବିବାହ ନକରି ଭାରତୀୟ ସ୍ଥାନ ଚୟନ, ବିଦେଶ ବୁଲା ବନ୍ଦ କରିବା ପାଇଁ ପରାମର୍ଶ ଦେଇଛନ୍ତି ରାଜ୍ୟପାଳ । ସେହିପରି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥିବାବେ ଯୋଗ ଦେଇ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଶିକ୍ଷା ସହ କୌଶଳର ସମନ୍ୱୟ ହିଁ ଯୁବ ବର୍ଗଙ୍କୁ ଦକ୍ଷ ଓ ଦାୟିତ୍ୱବାନ କରିବ ବୋଲି କହିଛନ୍ତି । ସମାବର୍ତ୍ତନ ଉତ୍ସବରେ ସମ୍ମାନୀତ ଅତିଥି ଭାବେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଯୋଗ ଦେଇଥିଲେ । ଏହି ଅବସରରେ ୩୯ ଜଣ ଛାତ୍ରଛାତ୍ରୀଙ୍କୁ ବିଶ୍ୱବିଦ୍ୟାଳୟ ଗୋଲ୍ଡ ମେଡାଲ ମିଳିଥିବା ବେଳେ, ୨୩ଟି ଡୋନର୍ ଗୋଲ୍ଡ ମେଡାଲଙ୍କୁ ମିଶାଇ ସମୁଦାୟ ୬୫ଟି ଗୋଲ୍ଡ ମେଡାଲ ପ୍ରଦାନ କରାଯାଇଛି । ରାଜ୍ୟପାଳଙ୍କ ପରାମର୍ଶକୁ ପାଳନ କରାଯିବ ବୋଲି କହିବା ସହ ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ଗ୍ରୀନ ଏନର୍ଜୀ ଉପରେ କାର୍ଯ୍ୟ କରୁଥିବା କୁଳପତି କହିଛନ୍ତି ।

ଏମିରେଟ୍ସ ଗ୍ଲୋବାଲ୍ ଆଲୁମିନିୟମ ସହ ନାଲ୍‌କୋର ଚୁକ୍ତି ସ୍ୱାକ୍ଷରିତ

ଦୁବାଇ / ଭୁବନେଶ୍ୱର,
୭/୦୮ ନ୍ୟୁଜ ବ୍ୟୁରୋ

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଔଦ୍ୟୋଗ ନ୍ୟାସନାଲ ଆଲ୍ୟୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ପକ୍ଷରୁ ଦୁବାଇ ସ୍ଥିତ ଏମିରେଟସ ଗ୍ଲୋବାଲ ଆଲ୍ୟୁମିନିୟମ (ଇଜିଏ) ସହିତ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି, ଯାହା ଦ୍ୱାରା ଓଡ଼ିଶାର ଅନୁଗୋଳଠାରେ ବାର୍ଷିକ ୦.୫ ନିୟୁତ ମେଟ୍ରିକ ଟନ୍ ବ୍ରାଉନଫିଲ୍ଡ ସ୍ମେଲଟର ସମ୍ପ୍ରସାରଣ ପ୍ରକଳ୍ପ ପାଇଁ ଇଜିଏର ୟୁଏଇ ବିକଶିତ ଡ଼ିଏଚ୍ ପ୍ଲସ ଅଲଟ୍ରା ଆଲୁମିନିୟମ ସ୍ମେଲଟିଂ ପ୍ରଯୁକ୍ତି ବ୍ୟବହୃତ ହେବ । ନାଲ୍‌କୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ଏବଂ ଇଜିଏ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅବଦୁଲନାସେର ବିନ୍ କଲବାନଙ୍କ ଉପସ୍ଥିତିରେ ଏହି ପ୍ରଯୁକ୍ତି ଲାଇସେନ୍ସିଂ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜଗଦୀଶ ଆରୋରା ନିର୍ଦ୍ଦେଶକ (ପ୍ରକଳ୍ପ ଏବଂ ବୈଷୟିକ) ନାଲ୍‌କୋ ଏବଂ ଅଭୟ କୁମାର ବେହୁରିଆ, ନିର୍ଦ୍ଦେଶକ (ଅର୍ଥ) ମଧ୍ୟ

ଉପସ୍ଥିତ ଥିଲେ। ନାଲ୍‌କୋ ପକ୍ଷରୁ ମୁଖ୍ୟ ମହାପ୍ରବନ୍ଧକ (ପ୍ରକଳ୍ପ) ବିଜୁ କେ. ଏବଂ ଇଜିଏ ପକ୍ଷରୁ କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ - ମିଡଷ୍ଟ୍ରିମ୍, ଅବଦଲ୍ଲା ଜାଗୌନି ଏହି ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। ଭାରତ ସରକାରଙ୍କ ଖଣି ମନ୍ତ୍ରାଳୟର ମାର୍ଗଦର୍ଶନ ଏବଂ ସମର୍ଥନରେ ବିଶ୍ୱସ୍ତରରେ ଏକ ପ୍ରତିଯୋଗିତାମୂଳକ ଆଲୁମିନିୟମ ଉତ୍ପାଦକ ଭାବରେ ନିଜର ସ୍ଥିତିକୁ ସୁଦୃଢ଼ କରିବା ପାଇଁ ନାଲ୍‌କୋର ସ୍ମେଲ୍ଟର ସମ୍ପ୍ରସାରଣ କାର୍ଯ୍ୟରେ ଏହି ଚୁକ୍ତି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏହି ଚୁକ୍ତିନାମା ଅନୁଯାୟୀ, ଇଜିଏ ନାଲ୍‌କୋକୁ ପ୍ରକଳ୍ପ କାର୍ଯ୍ୟାନ୍ୱୟନର ବିଭିନ୍ନ ପର୍ଯ୍ୟାୟରେ ବୈଷୟିକ ସହାୟତା ସହିତ ଡ଼ିଏଚ୍ ପ୍ଲସ ଅଲ୍ଟ୍ରା ପ୍ରଯୁକ୍ତି କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ ଲାଇସେନ୍ସ, ଜ୍ଞାନକୌଶଳ, ଡିଜାଇନ୍ ଏବଂ ସୂଚନା ପ୍ରଦାନ କରିବ । ଡ଼ିଏଚ୍ ପ୍ଲସ ଅଲ୍ଟ୍ରା ପ୍ରଯୁକ୍ତି ଏକ ଉଚ୍ଚ-ଆମ୍ପେରେଜ୍ ଏବଂ ଦକ୍ଷ ଆଲୁମିନିୟମ୍ ସ୍ମେଲ୍ଟିଂ ପ୍ରଯୁକ୍ତି, ଯାହା ଉଚ୍ଚ ଉତ୍ପାଦକତା ଏବଂ ଉନ୍ନତ ଶକ୍ତି କାର୍ଯ୍ୟଦକ୍ଷତାକୁ ସମର୍ଥନ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହି ପ୍ରଯୁକ୍ତି ଦ୍ୱାରା ନାଲ୍‌କୋ ଏକ ଦକ୍ଷ ଏବଂ ପ୍ରତିଯୋଗିତାମୂଳକ ସ୍ମେଲ୍ଟର ବିକଶିତ କରିପାରିବ ବୋଲି ଆଶା କରାଯାଉଛି। ପ୍ରସ୍ତାବିତ ବ୍ରାଉନଫିଲ୍ଡ ସମ୍ପ୍ରସାରଣ ଦ୍ୱାରା ଅନୁଗୋଳରେ ପ୍ରତିବର୍ଷ ପ୍ରାୟ ୦.୫ ନିୟୁତ ଟନ୍ ଆଲୁମିନିୟମ୍ ଉତ୍ପାଦନ କ୍ଷମତା ବୃଦ୍ଧି ପାଇବ। ନାଲ୍‌କୋର ବର୍ତ୍ତମାନ ଉତ୍ପାଦନ କ୍ଷମତା ସହିତ ଏହି ସମ୍ପ୍ରସାରଣ କମ୍ପାନୀକୁ ବାର୍ଷିକ ପ୍ରାୟ ୧ ନିୟୁତ ଟନ୍ ଆଲୁମିନିୟମ୍ ଉତ୍ପାଦନ କ୍ଷମତା ଆଡ଼କୁ ଆଗେଇନେବ । ଏହି ଅବସରରେ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି ଯେ, 'ଇଜିଏର ଡ଼ିଏଚ୍ ପ୍ଲସ ଅଲ୍ଟ୍ରା ପ୍ରଯୁକ୍ତି ସହିତ ଆମର ଦୃଢ଼ ବିଶ୍ୱାସ ଯେ, ଅନୁଗୋଳ ସ୍ମେଲ୍ଟର ସମ୍ପ୍ରସାରଣ ପ୍ରକଳ୍ପ ଭାରତର ଏକ ଦକ୍ଷତା ସମ୍ପନ୍ନ ତଥା ଅଗ୍ରଣୀ ଆଲୁମିନିୟମ୍ ସ୍ମେଲ୍ଟର ଭାବରେ ଉଭା ହେବ। ଏହି ପ୍ରଯୁକ୍ତି ବ୍ୟବହାର କମ୍ପାନୀର ଅଭିବୃଦ୍ଧି ଏବଂ ସମ୍ପ୍ରସାରଣ ଯୋଜନାକୁ ସମର୍ଥନ କରିବା ସହ ଭାରତର ଆଲୁମିନିୟମ୍ ଇକୋସିଷ୍ଟମକୁ ମଧ୍ୟ ସୁଦୃଢ଼ କରିବ । ପ୍ରସ୍ତାବିତ ସ୍ମେଲ୍ଟର ସମ୍ପ୍ରସାରଣ ଭାରତର ଅର୍ଥନୈତିକ ଅଭିବୃଦ୍ଧି, ପରିବେଶଗତ ଦକ୍ଷତା ଏବଂ ଏକ ବିକଶିତ ଭାରତ ଗଠନ ଦିଗରେ ମଧ୍ୟ ସହାୟକ ହେବ'। ସୂଚନାଯୋଗ୍ୟ ଯେ, ନାଲ୍‌କୋ ଏବଂ ଇଜିଏ ମଧ୍ୟରେ ହୋଇଥିବା ସହଭାଗୀତା କମ୍ପାନୀର ପ୍ରଯୁକ୍ତି ଦକ୍ଷତା, ଉତ୍ପାଦକତା ଏବଂ ଦୀର୍ଘସ୍ଥାୟୀ ଅଭିବୃଦ୍ଧି ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଅନୁଗୋଳ ଠାରେ ୦.୫ ନିୟୁତ ଟନ୍ ବ୍ରାଉନଫିଲ୍ଡ ସମ୍ପ୍ରସାରଣ ନାଲ୍‌କୋର ଉତ୍ପାଦନ କ୍ଷମତାକୁ ଆହୁରି ସୁଦୃଢ଼ କରିବ ଏବଂ ଆଲୁମିନିୟମର ବର୍ଦ୍ଧିତ ଚାହିଦା ପୂରଣ ସହ ଭାରତୀୟ ଅର୍ଥନୀତିର ଅଭିବୃଦ୍ଧିରେ ଯୋଗଦାନ ଦେବ ।

ଧାନ କିଣା ପାଇଁ ୨୧.୪୨ ଲକ୍ଷ ଚାଷୀଙ୍କ ପଞ୍ଜୀକରଣ, ଆଉ ବଢ଼ିବ ନାହିଁ ସମୟସୀମା

ଭୁବନେଶ୍ୱର, ୭/୦୯ ନ୍ୟୁଜ ବ୍ୟୁରୋ
ଓଡ଼ିଶାରେ ଚଳିତ ଖରିଫ ଋତୁରେ ସରକାରୀ ସ୍ତରରେ ଧାନ ବିକ୍ରି କରିବା ପାଇଁ ରେକର୍ଡ ସଂଖ୍ୟକ ୨୧,୪୨,୭୨୩ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ସୋମବାର ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ, ଧାନ ବିକ୍ରି ପାଇଁ ଚାଷୀଙ୍କ ପଞ୍ଜୀକରଣର ସମୟସୀମା ଆଉ ବଢ଼ାଯିବ ନାହିଁ।

ଭିଜିଲାନ୍ସ ଜାଲରେ ଆରଆଇ ଓ ଏଆରଆଇ

କଟକ, ୦୭/୦୯
ନ୍ୟୁଜ ବ୍ୟୁରୋ
ଏକ ଚାଷ ଜମିର ଘରବାରି କିସମ ପରିବର୍ତ୍ତନ ପାଇଁ ଆବେଦନକାରୀଙ୍କ ଠାରୁ ୩୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ହାତରେ ପିପିଲି ତହସିଲ ଅଧୀନ ସିଉଳା ରାଜସ୍ୱ ନିରୀକ୍ଷକ କଲ୍ୟାଣୀ ଜେନା ଓ ସହ ରାଜସ୍ୱ ନିରୀକ୍ଷକ ପୂର୍ଣ୍ଣଚନ୍ଦ୍ର ବେହେରା ଧରାପଡ଼ିଛନ୍ତି। ଭିଜିଲାନ୍ସ ବିଭାଗ ଠାରୁ ମିଳିଥିବା ସୂଚନାନୁସାରେ, ଧଉଳି ଅଞ୍ଚଳର ରଶ୍ମି ରଞ୍ଜନ ପଣ୍ଡା ନିଜ ଚାଷ ଜମିର ଘରବାରି କିସମ ପରିବର୍ତ୍ତନ ପାଇଁ ଅନ୍‌ଲାଇନ୍ ଆବେଦନ କରିଥିଲେ। ନିଜର ଆବେଦନର ଅଗ୍ରଗତି ସମ୍ପର୍କରେ ସେ ଉଭୟ ଏଆରଆଇ ଓ ଆରଆଇଙ୍କୁ ସାକ୍ଷାତ କରିଥିଲେ। ତେବେ ଏଥିପାଇଁ ସେମାନେ ୩୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ସମ୍ପର୍କରେ ଅଭିଯୋଗକାରୀ ଶ୍ରୀ ପଣ୍ଡା ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ଭିତ୍ତିରେ ଦୁର୍ନୀତି ନିବାରଣ ଆଇନର ଧାରା ୭ରେ ୨୦/୫-୯-୨୦୨୬ରେ ମାମଲା ରୁଜୁ କରିଥିଲା। ଯୋଜନା ଅନୁସାରେ ଶ୍ରୀ ପଣ୍ଡା ୩୫ ହଜାର ଟଙ୍କା ଦେବାବେଳେ ପୂର୍ବରୁ ସେଠାରେ ଛକି ରହିଥିବା ଭିଜିଲାନ୍ସ ଟିମ୍ ଦୁହିଁଙ୍କୁ କାବୁ କରି ନେଇଥିଲା। ଅନ୍ୟପକ୍ଷରେ ରାଜସ୍ୱ ନିରୀକ୍ଷକ ଶ୍ରୀମତୀ ଜେନାଙ୍କର ବ୍ରହ୍ମକୁମୁଡ଼, ଅଚ୍ୟୁତପୁର, ଚନ୍ଦନପୁର, ଭୁବନେଶ୍ୱରର ରସୁଲଗଡ଼ ଘର ଉପରେ ଭିଜିଲାନ୍ସ ଚଢ଼ଉ ଜାରି ରହିଛି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ପକ୍ଷରୁ ୨୦/୨୬ରେ ୭ପିସି ଆମେଣ୍ଡମେଣ୍ଟ ୨୦୧୮ ଅନୁସାରେ ଏକ ମାମଲା ରୁଜୁ ହୋଇଛି।

ସେବାଶ୍ରମ ସ୍କୁଲ ମଧ୍ୟାହ୍ନ ଭୋଜନରେ ଝଟିପିଟି : ଶତାଧିକ ଛାତ୍ରଛାତ୍ରୀ ଅସୁସ୍ଥ

ଧାମନଗର, ୭/୯
ନ୍ୟୁଜ ବ୍ୟୁରୋ
ଧାମନଗର ନିକଟସ୍ଥ ଜୟନଗର ସେବାଶ୍ରମ ସ୍କୁଲରେ ମଧ୍ୟାହ୍ନ ଭୋଜନ ଖାଇ ଛାତ୍ରଛାତ୍ରୀ ଅସୁସ୍ଥ ହୋଇ ଧାମନଗର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ମଧ୍ୟାହ୍ନ ଭୋଜନରେ ତରକାରୀରୁ ଝଟିପିଟି ବାହାରିଥିବା ଅଭିଯୋଗ ହୋଇଛି । ସୂଚନା ଥାଉକି ଉକ୍ତ ବିଦ୍ୟାଳୟରେ ଶିଶୁବାଟିକା ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୩୬ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ସୋମବାର ୧୩୦ ଜଣ ଛାତ୍ରଛାତ୍ରୀ ସ୍କୁଲକୁ ଆସିଥିଲେ। ପଞ୍ଚମ ଶ୍ରେଣୀର ଛାତ୍ର ଲିକିଲ ମଲ୍ଲିକ ମଧ୍ୟାହ୍ନ ଭୋଜନ ଖାଉଥିବା ବେଳେ ତାଙ୍କ ତରକାରୀରେ ଝଟିପିଟି ଥିବା ଦେଖି ଶିକ୍ଷକଙ୍କୁ ଜଣାଇଥିଲେ। ପରେ ଘଟଣାଟି ସାମ୍ନାକୁ ଆସିଥିଲା। ଏହାପରେ କିଛି

ଛାତ୍ରଛାତ୍ରୀଙ୍କ ମୁଣ୍ଡବିନ୍ଧା ଓ ବାନ୍ତି ହେବାରୁ ତୁରନ୍ତ ସମସ୍ତଙ୍କୁ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସମସ୍ତ ଅସୁସ୍ଥ ଛାତ୍ରଛାତ୍ରୀଙ୍କୁ ସେଠାରେ ଚିକିତ୍ସା କରାଯାଉଛି । ସେମାନଙ୍କ ମଧ୍ୟରୁ ଜଣେ ଛାତ୍ର ଓ ଜଣେ ଛାତ୍ରୀ ଅଧିକ ଗୁରୁତର ଥିବା ଜଣାପଡ଼ିଛି । ସେମାନଙ୍କୁ ସାଲାଇନ ଦିଆଯାଉଥିବା ସୂଚନା ମିଳିଛି । ପ୍ରତ୍ୟେକ ପିଲାଙ୍କୁ ଔଷଧ ଓ ଓଆରଏସ ପ୍ରଦାନ କରାଯାଉଛି । ଘଟଣାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି । ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ଓ ପରିବେଷଣରେ କିପରି ଏଭଳି ଅବହେଳା ହେଲା ତାହାର ତଦନ୍ତ କରି ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହ